ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୯ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 9 JUNE 2023

Vol.No. 34 ■ No. 152 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୨୩ରେ ବିରୋଧୀଙ୍କ ମେଗା ସୋ

ମହାମେଳିରେ ସାମିଲ ହେବେ ଅନେକ ନେତା

ବିହାର , ୮/୦୬ (ନି.ପ୍ର): ଆସନ୍ତା ୨୩ରେ ବିରୋଧୀଙ୍କ ମେଗା ସୋ । ପାଟନାରେ ହେବାକୁ ଥିବା ମହାମେଳିରେ ସାମିଲ ହେବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦଳୀୟ ମୁଖ୍ୟ । ମହାସମାବେଶରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରମୁଖ ସାମିଲ ହେବା ସମ୍ଭାବନା ରହିଛି । ସେହିପରି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ଜେଡିୟୁ ସଭାପତି ରାଜୀବ ରଞ୍ଜନ, ଶିବସେନା ନେତା ଉଦ୍ଧବ ଠାକରେ, ଏନସିପି ନେତା ଶରଦ ପାୱାର ପ୍ରମୁଖ ଯୋଗଦେବା ଆଶା ରହିଛି । ଏହି ସମାବେଶରେ ଆସନ୍ତା ଲୋକସଭା ନିର୍ବାଚନରେ ଏକତ୍ର ଲଢେଇ କରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ସମ୍ଭାବନା ରହିଛି। ଗତ କିଛି ଦିନ ଧରି ବିଜେପି ବିରୋଧରେ ମେଣ୍ଟକୁ ଶକ୍ତିଶାଳୀ କରିବା ଲାଗି ବିଭିନ୍ନ ନେତା ଘନ ଘନ ଉଦ୍ୟମ କରୁଥିବା ଦେଖାଯାଇଛି ।

ବରଗଡ ଜେଲରେ ଜଣେ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୮/୦୬ (ନି.ପ୍ର):ବରଗଡ ଜେଲରେ ଜଣେ କଏଦୀଙ୍କ ମୃତ୍ୟ ଘଟିଥିବା ଜଣା ପଡିଛି । ମୃତ୍ୟ କାରଣ ଅସ୍ପଷ୍ଟ ରହିଛି । ମୃତ କଏଦୀ ଜଣକ ହେଲେ ଶିବ ବାଗ । ଗତକାଲି ରାତ୍ରିରେ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ମୃତ୍ୟ କାରଣ ଜଣାପଡିପାରେ ବୋଲି କୁହା ଯାଉଛି
ମିଳିଥିବା ସୂଚନା ଅନୁସାରେ ମେ ୨୩ ତାରିଖ ଭଟଲି ଥାନା ଅନ୍ତଗତ ଝିକଝିକ ଗ୍ରାମର ଗୋଟିଏ ପରିବାର ୪ ଜଣ ଙ୍କୁ ହତ୍ୟା କରିଥିବା ମୁଖ୍ୟ ଅଭିଯୁକ୍ତ ଶିବ ବାଗ ବରଗଡ ଜେଲରେ ଥିଲେ । ଜମିବାଡି ବିବାଦ ନେଇ ଶିବ ନିଜ ବଡଭାଇର ସପରିବାରକୁ ହତ୍ୟା କରିଥିଲେ ।

କେରଳ ଛୁଇଁଲା ମୌସୁମୀ ବାୟୁ

ଭୁବନେଶ୍ୱର, ୮/୦୬ (ନି.ପ୍ର): ମୌସୁମୀ ବାୟୁ ଆଜି କେରଳରେ ପ୍ରବେଶ କରିସାଛି । ହେଲେ ଏହା ଓଡ଼ିଶାକୁ ପ୍ରବେଶ କରିବାରେ ବିଳମ୍ବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ , ଆଜି ମୌସୁମୀ ବାୟୁ କେରଳରେ ପ୍ରବେଶ କରିଛି। ଆସନ୍ତା ୨ ଦିନ ମଧ୍ୟରେ ବଙ୍ଗୋପସାଗର, ଆରବ ସାଗରରେ ଅଧିକ ଅଂଚଳର ଆହୁରି ବ୍ୟାପକ ଅଂଚଳକୁ ବ୍ୟାପିବା ପରେ ମୌସୁମୀ ବାୟୁ ସମଗ୍ର କେରଳ ଓ ତାମିଲନାଡୁ ସମେତ ସମ୍ପୂର୍ଣ୍ଣ ଦକ୍ଷିଣ ଭାରତରେ ବିସ୍ତାରିତ ହେବ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତ୍ତରପୂର୍ବ ଭାରତରେ ମଧ୍ୟ ପ୍ରବେଶ କରିବ ଏବଂ ପରେ ପରେ କେନ୍ଦ୍ରୀୟ ଭାରତ ଆଡ଼କୁ ଅଗ୍ରସର ହେବ। ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ସାଧାରଣତଃ ୧୨ ତାରିଖ ପାଖାପାଖି ମୌସୁମୀ ବାୟୁ ପ୍ରବେଶ କରିଥାଏ। ଏଥର ମୌସୁମୀ ବାୟୁର କେରଳ ଆଗମନରେ ପ୍ରାୟ ଏକ ସପ୍ତାହ ବିଳମ୍ବ ଘଟିଛି। ଏବେ ମୌସୁମୀ ଓଡ଼ିଶା ଆସିବା ବିଷୟରେ ପୂର୍ବାନୁମାନ କରାଯାଇନହିଁ। କିନ୍ତୁ, ଏଥର ବିଳମ୍ବରେ ଓଡ଼ିଶାକୁ ମୌସୁମୀ ବାୟୁ ଆସିବାର ସମ୍ଭାବନା ଅଛି ବୋଲି ସେ କହିଛନ୍ତି।

ଓଡିଶା ଉପକୂଳରେ ଡିଆରଡିଓ ଦ୍ୱାରା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି ପ୍ରାଇମ'ର ସଫଳ ଉଡାଣ-ପରୀକ୍ଷଣ

ନୂଆଦିଲ୍ଲୀ /ଭୁବନେଶ୍ୱର, ୮/୦୬ (ନି.ପ୍ର): ନୂତନ ପୀଢିର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି ପ୍ରାଇମ୍" କୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ଓଡିଶା ଉପକୂଳବର୍ତ୍ତୀ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ୦୭ ଜୁନ୍ ୨୦୨୩ ରେ ସଫଳତାର ସହ ଉଡାଣ-ପରୀକ୍ଷଣ କରାଯାଇଛି । ଉଡ଼ାଣ ପରୀକ୍ଷଣ ସମୟରେ ସମସ୍ତ ଲକ୍ଷ୍ୟ ସଫଳତାର ସହ ପ୍ରଦର୍ଶନ କରାଯାଇଥିଲା । ଏହି କ୍ଷେପଣାସ୍ତ୍ରର ତିନିଟି ସଫଳ ବୈଧ ପରୀକ୍ଷଣ ପରେ ବ୍ୟବହାରକାରୀଙ୍କ ଦ୍ୱାରା ଆୟୋଜିତ ପ୍ରଥମ ପ୍ରି-ଇଣ୍ଟକ୍ସନ ରାତ୍ରୀକାଳୀନ ଉତ୍କ୍ଷେପଣ ଥିଲା । ରାଡାର, ଟେଲିମେଟ୍ରି ଏବଂ ଇଲେକ୍ଟ୍ରୋ ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ୍ ପରି ରେଞ୍ଜ୍ ଇନଷ୍ଟ୍ରୁମେନସନ୍ ସହିତ ଦୁଇଟି ଡାଉନ୍ ରେଞ୍ଜ୍ ଜାହାଜକୁ ବିଭିନ୍ନ ସ୍ଥାନରେ ଟର୍ମିନାଲ୍ ପଏଣ୍ଟରେ ଏହାର ସମଗ୍ର ଗତିପଥର ଉଡାଣ ତଥ୍ୟକୁ କ୍ୟାପଚର କରିବାକୁ ନିୟୋଜିତ କରାଯାଇଥିଲା । ଡିଆରଡିଓ ଏବଂ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡର ବରିଷ୍ଠ ଅଧିକାରୀମାନେ ସଫଳ ଉଡ଼ାଣ ପରୀକ୍ଷଣ ସମୟରେ ଉପସ୍ଥିତ ଥିଲେ, ଯାହାକି ସଶସ୍ତ୍ର ବାହିନୀରେ ଏହି କ୍ଷେପଣାସ୍ତ୍ରର ପ୍ରବେଶ ପାଇଁ ପଥ ପରିଷ୍କାର କରିଛି । ରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓ ଏବଂ ସଶସ୍ତ୍ର ବାହିନୀକୁ ଏଭଳି ସଫଳତା ସହିତ ନୂତନ ପୀଢିର ବାଲିଷ୍ଟିକ୍ ମିସାଇଲ୍ ଅଗ୍ନି ପ୍ରାଇମ୍ ର କପି-ବୁକ୍ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ପ୍ରତିରକ୍ଷା ଆରଆଣ୍ଡଡି ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମାତ ଡିଆରଡିଓର ଲାବୋରେଟୋରୀ ଦଳ ଏବଂ ଉତ୍ କ୍ଷେପଣ ପରୀକ୍ଷାରେ ସାମିଲ ବ୍ୟବହାରକାରୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି ।

ଏମସ୍‌ରେ ରହିଛି ଆହୁରି ୮୨ ଟି ମୃତଦେହ

ଭୁବନେଶ୍ୱର, ୮/୦୬ (ନି.ପ୍ର): ଗତ ଶୁକ୍ରବାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରୁ ଚିହ୍ନଟ ହୋଇପାରିନଥିବା ମୃତଦେହ ଗୁଡିକୁ ଭୁବନେଶ୍ୱର ଏମସ୍ ଅଣାଯାଇଥିଲା। ଚିହ୍ନଟ ହୋଇପାରିଥିବା ମୃତକଙ୍କ ସମ୍ପର୍କୀୟମାନଙ୍କୁ ଯାଂଚ ପରେ ମୃତଦେହ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ଗୋଟିଏ ମୃତଦେହର ଏକାଧିକ ଦାବିଦାର ଥିବା କିମ୍ବା ଚିହ୍ନଟରେ ଅସୁବିଧା ହେଉଥିବାରୁ ଡିଏନଏ ପରୀକ୍ଷା କରାଯାଉଛି। ଏମସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ଏମସ୍ କୁ ୧୬୨ ଜଣଙ୍କ ମୃତଦେହ ଅଣାଯାଇଥିଲା। ସେଥିମଧ୍ୟରୁ

▶▶ପୃଷ୍ଠା ୭

ହିଟ୍ ୱେଭ୍ ପାଇଁ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୮/୦୬ (ନି.ପ୍ର): ଆଗାମୀ ୨ ଦିନ ପାଇଁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ରହିବ। ଏଥିପାଇଁ ଭୁବନେଶ୍ୱର ସ୍ଥିତ କିଛି ଜିଲ୍ଲାକୁ ହିଟ୍ ୱେଭ୍ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଶୁକ୍ରବାର ଝାରସୁଗୁଡା , ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଦେଖାଦେବ। ଏଥିନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଭଦ୍ରକ ଗଂଜାମ ଓ ଗଜପତି ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି। ଏଥିପାଇଁ ଏ ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଶନିବାର ଦିନ ଝାରସୁଗୁଡା , ସମ୍ବଲପୁର, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ହିଟ୍ ୱେଭ୍ ପାଇଁ ଚେତାବନୀ ଜାରି କରାଯାଇଛି।

+୨ କଳା ରେଜଲ୍ଟ: ପାସ୍ ହାର ୭୮.୮୮%

- ■ପୁଅଙ୍କଠାରୁ ଝିଅ ଆଗରେ
- ■ବାଲେଶ୍ୱରରେ ପାସ୍ ହାର ସର୍ବାଧିକ ୮୪.୯୭%
- ■ନବରଙ୍ଗପୁରରେ ସର୍ବନିମ୍ନ ୭୦.୭୪%
- ■ଭୋକେସନାଲରେ ୬୭.୪୮% ପାସ୍

ଭୁବନେଶ୍ୱର, ୮/୦୬ (ନି.ପ୍ର): ପ୍ରକାଶ ପାଇଛି ଯୁକ୍ତ ୨ କଳା ରେଜଲ୍ଟ। ଏହାସହ ଭୋକେସନାଲ ପାଠ୍ୟକ୍ରମର ମଧ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। ଯୁକ୍ତ ୨ କଳାରେ ପାସ୍ ହାର ୭୮.୮୮ % ରହିଛି। ପାସ୍ ହାରରେ ପୁଅଙ୍କ ଠାରୁ ଝିଅ ଆଗରେ ଅଛନ୍ତି। ଝିଅଙ୍କ ପାସ୍ ହାର ୮୫.୬୬% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୭୦.୪୩% ରହିଛି। ଗୁରୁବାର ଦିନ ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍ ରେଜଲ୍ଟ ପୁସ୍ତିକାର ଉନ୍ମୋଚନ କରିଥିଲେ। ଛାତ୍ରଛାତ୍ରୀମାନେ ଓଡିଶାରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ ଏବଂ ସାମସ୍ ପୋର୍ଟାଲର ଇସ୍ପେସ୍ ରେ ସେମାନଙ୍କ ରେଜଲ୍ଟ ଜାଣିପାରିବେ ଏବଂ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ। ଚଳିତ ବର୍ଷ କଳାରେ ମୋଟ ୨ ଲକ୍ଷ ୩୦ ହଜାର ୫୪୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ମୋଟ ୧ ଲକ୍ଷ ୮୧ ହଜାର ୮୬୯ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୩୨, ୭୮୨ ଓ ୨ୟ ଶ୍ରେଣୀରେ ୩୨, ୪୬୧ ପିଲା ପାସ୍ କରିଛନ୍ତି। ସେହିପରି ତୃତୀୟ ଶ୍ରେଣୀରେ ସର୍ବାଧିକ ୧, ୧୬, ୧୭୯ ପିଲା ପାସ୍ କରିଛନ୍ତି। ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୮୪.୯୭% ପିଲା ପାସ୍ କରିଥିବା ବେଳେ ନବରଙ୍ଗପୁର ଜିଲ୍ଲା ପାସ୍ ହାରରେ ସର୍ବନିମ୍ନ ୭୦.୭୪% ରହିଛି। ୩୦ଟି ହାୟର ସେକେଣ୍ଡାରୀ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି।

▶▶ପୃଷ୍ଠା ୭

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ପରାଜୟକୁ ନେଇ ବିଜେପିକୁ ପରାମର୍ଶ ଦେଲା ଆରଏସଏସ

ନୂଆଦିଲ୍ଲୀ, ୮/୦୬ (ନି.ପ୍ର): କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ବିଜେପିର ପରାଜୟ ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଗଠନ ୨୦୨୪ ଲୋକସଭା ନିର୍ବାଚନକୁ ନେଇ ଦଳକୁ ପରାମର୍ଶ ଦେଇଛି। ଆରଏସଏସର ମୁଖପତ୍ର କୁହାଯାଉଥିବା 'ଅର୍ଗାନାଇଜର'ରେ କୁହାଯାଇଛି ଯେ ବିଜେପିକୁ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି । ଦୃଢ଼ ଆଧାର ଏବଂ ଆଞ୍ଚଳିକ ନେତୃତ୍ୱ ବିନା ଦଳ ନିର୍ବାଚନରେ ଜିତିବା ସହଜ ନୁହେଁ। ଆରଏସଏସ ମୁଖପତ୍ର 'ଅର୍ଗାନାଇଜର'ରେ ଏହା ଲେଖାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରିସ୍ମା ଏବଂ ହିନ୍ଦୁତ୍ୱର ବିଚାରଧାରା ନିର୍ବାଚନରେ ଜିତିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହାସହ ଦର୍ଶାଯାଇଛି ଯେ ବିଜେପି ନେତୃତ୍ୱ ନିର୍ବାଚନରେ ଜାତୀୟ ପ୍ରସଙ୍ଗ ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ କଂଗ୍ରେସ ସ୍ଥାନୀୟ ପ୍ରସଙ୍ଗ ଛାଡି ନଥିଲା। କଂଗ୍ରେସର ବିଜୟର ଏହା ହେଉଛି ସବୁଠାରୁ ବଡ କାରଣ। ଏହା ମଧ୍ୟ କୁହାଯାଇଛି ଯେ କର୍ଣ୍ଣାଟକ ନିର୍ବାଚନରେ ଜାତି ପ୍ରସଙ୍ଗରେ ଭୋଟ୍ ସଂଗ୍ରହ କରିବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଏହି ରାଜ୍ୟ

▶▶ପୃଷ୍ଠା ୭

ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିନଥିଲେ ୨୩ରୁ ଜରିମାନା

ଭୁବନେଶ୍ୱର, ୮/୦୬ (ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇନଥିଲେ ମୋଟା ଅଙ୍କର ଡଣ୍ଡ ଗଣିବେ ଗାଡି ଚାଳକ। ଜୁନ୍ ୨୩ ତାରିଖରୁ ଏନେଇ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହେବ। ଯାଂଚ ବେଳେ ନମ୍ବର ପ୍ଲେଟ ଲାଗିନଥିବା ଗାଡ଼ି ଚାଳକଙ୍କର ଇ-ଚାଲାଣ କଟାଯିବ। ନିୟମ ଉଲ୍ଲଂଘନ ପାଇଁ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ। ଏକ ପ୍ରେସ ନୋଟରେ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ ଏବଂ ଏନଫୋର୍ସମେଂଟ ଲାଲମୋହନ ସେଠୀ(ସଡକ ସୁରକ୍ଷା) ଏନେଇ ଆଜି ସୂଚନା ଦେଇଛନ୍ତି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଓଡ଼ିଶା ରେଜିଷ୍ଟ୍ରେସନ୍ ମାର୍କ ଥିବା ୨୦୧୯ ଏପ୍ରିଲ ୧ ତାରିଖ ପୂର୍ବରୁ ପଂଜୀକୃତ ହୋଇଥିବା ପୁରୁଣା ଯାନରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରସନ୍ ଲଗାଇବା ଅବଧି ୨୦୨୩ ଫେବ୍ରୁଆରି ୨୮ ତାରିଖରେ ଶେଷ ହୋଇଯାଇଛି। ଏହା ଦେଖାଯାଉଛି ଯେ, କିଛି ଗାଡ଼ି ଏଚ୍‌ଏସ୍‌ଆରପି ରେଜିଷ୍ଟ୍ରେସନ ପ୍ଲେଟ ନଲଗାଇ ରାସ୍ତାରେ ଚାଲୁଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଜୁନ୍ ୨୩ ତାରିଖ ଠାରୁ ବିନା ଏଚ୍‌ଏସ୍‌ଆରପି ନମ୍ବର ଥିବା ଗାଡ଼ିଗୁଡ଼ିକ ଚିହ୍ନଟ କରିବ ଏବଂ ଦଣ୍ଡବିଧାନ ପାଇଁ ଏକ ସ୍ୱତନ୍ତ୍ର ଡ୍ରାଇଭ୍ କରିବ।

ରାଜଧାନୀରେ କାଳବୈଶାଖୀର ତାଣ୍ଡବ



ଭୁବନେଶ୍ୱର, ୮/୦୬ (ନି.ପ୍ର): ଗୁରୁବାର ଅପରାହ୍ଣ ରାଜଧାନୀରେ ତାଣ୍ଡବ ରଚିଛି କାଳବୈଶାଖୀ। ରାଜଧାନୀର ବିଭିନ୍ନ ଅଂଚଳରେ ଧୂଳି ଝଡ ପରେ ଘଡଘଡି ବିଜୁଳି ଏବଂ ପବନ ସହ ବର୍ଷା ହୋଇଛି। ପାଖାପାଖି ୪୫ ମିନିଟ୍ ଯାଏଁ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ବହୁ ସ୍ଥାନରେ ବଡ ବଡ ଗଛ ଉପୁଡି ପଡିଥିବା ବେଳେ ଆଉ କେଉଁଠି ଗଛ ଡାଳ ଭାଙ୍ଗି ପଡିଥିଲା। କିଛି ସ୍ଥାନରେ ଗଛ ପଡି ଘରର ପାଚେରୀ ଓ ଗାଡି କ୍ଷତିଗ୍ରସ୍ତ ହୋଇଛି। ଗଛ ଡାଳ ପଡିବାରୁ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ସେହିପରି ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଂଚଳରେ ପାଣି ଭର୍ତି ହୋଇଯାଇଥିଲା।

▶▶ପୃଷ୍ଠା ୭

ସାମାନ୍ୟ ବଚସାରୁ ବଡ଼ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା: ଟାଙ୍ଗିଆ ସହ ଥାନାରେ ସାନ ଭାଇର ଆତ୍ମ ସମର୍ପଣ

କନ୍ଧମାଳ, ୦୭/୦୬ (ନି.ପ୍ର): ସାମାନ୍ୟ ବଚସାକୁ ନେଇ ବଡ଼ ଭାଇକୁ ଅତି ନିର୍ମମ ଭାବରେ ଟାଙ୍ଗିଆ ରେ ହାଣି ହତ୍ୟା କରିଛି ସାନ ଭାଇ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ର ଡ଼ିମିରିଗୁଡା ଗାଁରେ। ସୂଚନା ଅନୁସାରେ ଏହି ଡ଼ିମିରିଗୁଡା ଗାଁର ନରେନ୍ଦ୍ର ବିନ୍ଧାଣି ଓ ତାଙ୍କ ଭାଇ କର୍ଣ୍ଣ ବିନ୍ଧାଣିଙ୍କ ମଧ୍ୟରେ ସୋମବାର ରାତିରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରିବାର ଲୋକ ଓ ସାହି ପଡିସା ଏଥିରେ ହସ୍ତକ୍ଷେପ କରି ଗଣ୍ଡଗୋଳର ସମାଧାନ କରିଥିଲେ। ଏହାପରେ ନରେନ୍ଦ୍ର ସାହାଣୀ ଖାଇପିଇ ନିଜ ଘର ବାରଣ୍ଡାରେ ଏକ କଟିଆରେ ଶୋଇଥିବା ବେଳେ ତାଙ୍କର ସାନ ଭାଇ କର୍ଣ୍ଣ ବିନ୍ଧାଣି ଏକ ଧାରୁଆ ଟାଙ୍ଗିଆରେ ନରେନ୍ଦ୍ର କୁ ଅତି ନିର୍ମମ ଭାବରେ ହାଣି ପକେଇ। ସହ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ କଟିଆରେ ପଡି ଚିତ୍କାର କରୁଥିବା ଦେଖି ନରେନ୍ଦ୍ର ଙ୍କ ସ୍ତ୍ରୀ ପାଟି କାରି ଅନ୍ୟମାନଙ୍କୁ ଡାକିଥିଲେ। ସାଇପଡିସା ଓ ପରିବାର ଲୋକ ଗୁରୁତର ଆହତ ଅବସ୍ଥାରେ ନରେନ୍ଦ୍ରଙ୍କୁ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମେଡିକାଲକୁ ଆଣିବା ବାଟରେ ହିଁ ନରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ମଙ୍ଗଳବାର ସକାଳୁ ହତ୍ୟାକାରୀ ସାନଭାଇ କର୍ଣ୍ଣ ବିନ୍ଧାଣି ହତ୍ୟା ରେ ବ୍ୟବହୃତ ଟାଙ୍ଗିଆ ସହ ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡିଥିବା ବେଳେ ଘଟଣା କୁ ନେଇ ମୃତ ନରେନ୍ଦ୍ର ବିନ୍ଧାଣି ଙ୍କ ପୁଅ ତାଙ୍କ ବାପାଙ୍କୁ ତାଙ୍କ ଦଦା ହତ୍ୟା କରିଥିବା ନେଇ ଏକ ଲିଖିତ ଏତଲା ମଧ୍ୟ ଦେଇଛନ୍ତି। ଅନ୍ୟପଟେ ଅକ୍ଷୟଙ୍କ ଏତଲା ଆଧାରରେ ପୋଲିସ ହତ୍ୟାକାରୀ କର୍ଣ୍ଣକୁ ଥାନାରେ ଅଟକ ରଖିବା ସହ ମେଡିକାଲ ରେ ପହଂଚି ଶବର ପଂଚନାମା କରିବା ପରେ ଶବକୁ ବ୍ୟବାଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇଛି। ଘଟଣା ସ୍ଥଳରେ ସାଇଂଟିଫିକ ଟିମ ସହ ଖୋଦ ଥାନା ଅଧିକାରୀ ତପନ କୁମାର ନାହାକ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟାର ଆସଲାକାରଣ ଏପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ତଦନ୍ତ ପରେ ଘଟଣା ର ସତ୍ୟତା ଜଣାପଡିବ ବୋଲି ଘଟଣା ର ତଦନ୍ତ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ବିକାଶ କୁମାର ଜାଳି ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଘଟଣା କୁ ନେଇ ଫିରିଙ୍ଗିଆ ଥାନାରେ ଏକ ହତ୍ୟା ମାମଲା ମଧ୍ୟ ରୁଜୁ ହୋଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ତପନ କୁମାର ନାହାକ।

ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ

କେନ୍ଦୁଝର, ୦୮/୦୬ (ନି.ପ୍ର): କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଚଳିତ ଜୁନ୍ ୭ ତାରିଖ ବୁଧବାର ଦିନ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉଦ୍‌ବୋଧନ ଦେଇ ବିଧାୟକ ଶ୍ରୀ ମାଝୀ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଉତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହା ହେଲେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉତମ ରୂପାୟନ ହୋଇ ପାରିବ ଏବଂ ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଟିଂ ପ୍ରସାଦ ଦେହୁରୀ, ଡିଏଫ୍‌ଓ ଧନରାଜ ଏଚ୍‌ଡି, ପିଏ ଆଇଟିଡିଏ ତପନ କୁମାର ନାଏକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗ୍ରାମ ଉନ୍ନୟନ ବିଭାଗ, ପୂର୍ତ ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଯଥା- ରାସ୍ତା, ଗୃହ ଓ ପୋଲ ନିର୍ମାଣ କାର୍ଯ୍ୟ ସମୀକ୍ଷା କରି ବିଭିନ୍ନ ପ୍ରକଳ୍ପର ସ୍ଥିତି, ଅଗ୍ରଗତି ଓ ବାକି ଥିବା କାମର କାରଣ ସମୀକ୍ଷା କରି ତୁରନ୍ତ ପ୍ରକଳ୍ପ ଗୁଡିକୁ ଶେଷ କରିବାକୁ ବିଧାୟକ ଶ୍ରୀ ମାଝୀ କହିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ, ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରି ନିହାତି ଆବଶ୍ୟକ କ୍ଷେତ୍ରରେ ଅତିଥି ଶିକ୍ଷକ ନିଯୁକ୍ତି କରି ଶିକ୍ଷାଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟାବଳୀ, ପାଇପ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତା, ବିଭିନ୍ନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି, ଅଚଳ ନଳକୂପ ଗୁଡିକର ତୁରନ୍ତ ମରାମତି, କୃଷି ବିଭାଗର କାର୍ଯ୍ୟକ୍ରମ, ଖରିଫ ଋତୁ ଚାଷ ପାଇଁ ବିହନ ଓ ସାର ଯୋଗାଣ, ମଣ୍ଡି ବ୍ୟବସ୍ଥା ସହିତ ମଣ୍ଡି ଗୁଡିକର ଭିତିଭୂମିର ଉନ୍ନତି ସଂପର୍କରେ ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ, ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ସୁପର ସ୍ପେଶାଲିଷ୍ଟ ସେବା ପ୍ରସଙ୍ଗ ଉପରେ ସମୀକ୍ଷା କରି କେତେକ ଡାକ୍ତରଖାନାରେ ଡାକ୍ତରମାନେ କର୍ତବ୍ୟରେ ଅବହେଳା ପ୍ରସଙ୍ଗ ଉପରେ ସମୀକ୍ଷା କରି ଏ ଦିଗରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଆଇଟିଡିଏ ଅଧିନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ, ଏମ୍‌ଏଲ୍‌ଏ ଲ୍ୟାଡ ଫଣ୍ଡର କାର୍ଯ୍ୟକାରିତା, କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ସମୀକ୍ଷା କରିଥିଲେ । ବିଦ୍ୟୁତ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରି ବାରମ୍ବାର ବିଦ୍ୟୁତ କାଟ ପାଇଁ କ୍ଷୋଭ ପ୍ରକାଶ କରିଥିଲେ । ଏତଦ୍ ବ୍ୟତୀତ କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା/ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିବା ସହିତ ଜିଲାର ଅଙ୍ଗନୱାଡି କେନ୍ଦ୍ର ମାନଙ୍କର ସ୍ଥିତି ସମୀକ୍ଷା କରିଥିଲେ । ଡିଏମ୍‌ଏଫ୍ ଏବଂ ଓୟାଡସି ସହାୟତାରେ ନିର୍ମାଣ କରାଯାଉଥିବା ଅଙ୍ଗନୱାଡି କେନ୍ଦ୍ର ମାନଙ୍କର ଅଗ୍ରଗତି ସମୀକ୍ଷା କରି ବିପଂକୁଳ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ନୂତନ ଭାବେ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଡିଏଫ୍‌ଓ ଧନରାଜ ଏଚ୍‌ଡି ଜଙ୍ଗଲ ବିଭାଗ ତରଫରୁ ଚାଲିଥିବା କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ଏତଦ୍ ?ବ୍ୟତୀତ ଇ-ପଂଚାୟତ, ସମବାୟ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ସଂପର୍କରେ ମଧ୍ୟ ବିଧାୟକ ଶ୍ରୀ ମାଝୀ ସମୀକ୍ଷା କରିଥିଲେ ।

ଅଦା ଓ ହଳଦୀ ଚାଷ ମାର୍ଗଦର୍ଶିକାରେ ପରିବର୍ତ୍ତନ

ଭୁବନେଶ୍ୱର , ୦୮/୦୬ (ନି.ପ୍ର): ରୋଷେଇ ଘରେ ଅଦା ଓ ହଳଦୀ ଏକ ନିତ୍ୟ ଆବଶ୍ୟକ ମସଲା ଭାବରେ ବହୁଳ ମାତ୍ରାରେ ବ୍ୟବହାର ହୋଇଥାଏ। ରାଜ୍ୟର ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ଚାଷର ମାର୍ଗଦର୍ଶିକାରେ ପରିବର୍ତ୍ତନ ଅଣାଯାଇଛି। ଉଦ୍ୟାନ କୃଷି ପକ୍ଷରୁ ପ୍ରଚଳିତ 'ଆଳୁ, ପନିପରିବା ଓ ମସଲା ଚାଷ ଯୋଜନା ୨୦୨୨-୨୩'ରେ ସଂଶୋଧନ ଅଣାଯାଇ ରାଜ୍ୟରେ ଅଦା ଓ ହଳଦୀ ଚାଷ ପାଇଁ ବିଶେଷ ସରକାରୀ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏଥିଯୋଗୁଁ ଉଭୟର ଉତ୍ପାଦନ ବଢ଼ିବା ସହିତ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଉପକୃତ ହେବେ ବୋଲି କହିଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।ଏକ ହେକ୍ଟର ଅଦା ଚାଷ ପ୍ରତି ପୂର୍ବରୁ ଥିବା ରିହାତି ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଛି। ନୂତନ ବ୍ୟବସ୍ଥାରେ ହେକ୍ଟର ପିଛା ବିହନ ବାବଦକୁ ଖର୍ଚ୍ଚ ୨ ଲକ୍ଷ ୨୫ ହଜାର ଟଙ୍କା ସହ ଆନୁଷଙ୍ଗିକ ଖର୍ଚ୍ଚ ଯଥା ବିହନ ବିଶୋଧନ, ସାର ଓ ଜୈବିକ ସାର ଏବଂ ରୋଗପୋକ ନିୟନ୍ତ୍ରଣ ଇତ୍ୟାଦି ଖର୍ଚ୍ଚ ବାବଦକୁ ୧୫ ହଜାର ଟଙ୍କା ରିହାତି ପ୍ରଦାନ କରାଯିବ। ଏହିପରି ଅଦାଚାଷ ପାଇଁ ସର୍ବମୋଟ ହେକ୍ଟର ପ୍ରତି ୨ଲକ୍ଷ ୪୦ ହଜାର ଟଙ୍କାର ସରକାରୀ ରିହାତିର ବ୍ୟବସ୍ଥା କରାଯାଇଛି। ଜଣେ ଚାଷୀ ସର୍ବାଧିକ ୧ ହେକ୍ଟର ଚାଷ ପାଇଁ ସରକାରୀ ରିହାତିର ସୁବିଧା ଉପଲବ୍ଧ କରିପାରିବେ। ସେହିପରି ୧ ହେକ୍ଟର ହଳଦୀ ଚାଷ ନିମନ୍ତେ ମୋଟ ଚାଷ ଖର୍ଚ୍ଚ ୩,୬୮,୨୯୭ ଟଙ୍କାର ଶତକଡା ୪୦ଭାଗ ହିସାବରେ ୧,୪୭,୩୧୮ ଟଙ୍କା ସରକାରୀ ରିହାତି ପ୍ରଦାନ କରିବାର ନୂତନ ମାର୍ଗଦର୍ଶିକାରେ ବ୍ୟବସ୍ଥା କରାଯାଇଛି। ନୂତନ ମାର୍ଗଦର୍ଶିକାକୁ ନିର୍ଦ୍ଧାରିତ ଜିଲ୍ଲାର ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକମାନଙ୍କୁ ପ୍ରେରଣ କରାଯାଇ ଯଥାଶୀଘ୍ର ଅଦା ଓ ହଳଦୀ ଚାଷ ବ୍ୟାପକ ହେବ।

ସାପ କାମୁଡାରେ ନାବାଳକ ମୃତ

ଜୟପୁର, ୦୮/୦୬ (ନି.ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ କଳାଗୁଡା ଗାଁ ର ଦାସ ପୂଜାରୀଙ୍କ ପୁଅ ଆକାଶ ପୂଜାରୀ ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ବରଣ କରିଛନ୍ତି । ଗତ କାଲି ଆକାଶ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ସାପ କାମୁଡି ଦେଇଥିଲା । ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ । ଅବସ୍ଥାରେ ସୁଧାର ନ ଆସିବାରୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରୁଥିବା ବେଳେ ଆକାଶର ମୃତ୍ୟୁ ହୋଇଯାଇଥିଲା ।

ଲୁନାକୁ ପଛପଟୁ ଧକ୍କା ଦେଲା ବାଇକ୍: ସ୍ୱାମୀ ସ୍ତ୍ରୀ ଆହତ

କୋରେଇ, ୦୮/୦୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ସେତୁ ଉପରେ ଏକ ଲୁନାକୁ ବାଇକ୍ ଧକ୍କା ଦେବାରୁ ଲୁନା ରେ ଯାଉଥିବା ସ୍ୱାମୀ ସ୍ତ୍ରୀ ଦୁହେଁ ଆହତ ହୋଇଛନ୍ତି। ସୂଚନା ମୁତାବକ ଯାଜପୁର ଟାଉନ ଅଂଚଳର ଅଭିମନ୍ୟୁ ସାହୁ ଏବଂ ତାଙ୍କ ପତ୍ନୀ ମନୋରମା ସାହୁ ଏକ ଲୁନା ଯୋଗେ ଯାଜପୁରଟାଉନ ରୁ ବାହାରି ଯାଜପୁରରୋଡ଼ ଅନ୍ତର୍ଗତ ଚାନ୍ଦମା ଅଭିମୁଖେ ଆସୁଥିଲେ। ସେହି ସମୟରେ ଯାଜପୁର ରୋଡ଼ ସ୍ଥିତ ଏଡିଏମ୍ ଅଫିସ ରେ କାର ?ୟରତ ଯାଜପୁର ଟାଉନ ଅଂଚଳ ର ମଧୁ ମହାରଣା ଏକ ସ୍କୁଲ୍ଟର ବାଇକ ଯୋଗେ ଆସୁଥିବା ସମୟରେ ପଥରପଦା ସେତୁ ଉପରେ ଶ୍ରୀ ମହାରଣା ବାଇକ୍ ଟି ଭାରସାମ୍ୟ ହରାଇ ଲୁନା କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଲୁନା ରେ ଯାଉଥିବା ଅଭିମନ୍ୟୁ ଏବଂ ତାଙ୍କ ପତ୍ନୀ ତଳକୁ ଖସିପଡି ଆହତ ହୋଇଥିଲେ। ଦୁର୍ଘଟଣା ର ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ପହଂଚି ଉଭୟ ଙ୍କୁ ଉଦ୍ଧାର କରି ପାଣିକୋଇଲି ସ୍ଥିତ ଏକ ବେସରକାରୀ ଚିକିତ୍ସାଳୟ ରେ ଚିକିତ୍ସିତ କରାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ଜଣାପଡିଛି।

ସଇଁତଳା ରେଞ୍ଜ କର୍ମଚାରୀ ୪ ଟି ଶାଗୁଆନ ଗଣ୍ଡୀ ସହିତ ଅଧତିଆରି ସରଞ୍ଜାମ ଜବତ କଲେ

ବଲାଙ୍ଗିର , ୦୮/୦୬ (ନି.ପ୍ର): ସଇଁତଳା ରେଞ୍ଜ ର କର୍ମଚାରୀ ମାନେ ୪ ଟି ଶାଗୁଆନ ଗଣ୍ଡି ସହିତ ଅଧା ତିଆରି ସୋଫା ସେଟ୍, ଅଧା ତିଆରି ଶଯ୍ୟା ଏବଂ ଅଧା ତିଆରି ଡାଇନିଂ ସେଟ୍ ଜବତ କରିଥିଲେ । କନ୍ଧକେଲଗାଁ ବିଭାଗର ବାହାଲି ଗ୍ରାମରେ ଥିବା ଶ୍ରୀ ଅରୁଣ ସାହୁଙ୍କ ଘର ପରିସରରେ ଏହି ସାମଗ୍ରୀମାନେ ଜବତ ହୋଇଛି। ଜବତ ସାମଗ୍ରୀ ପରବର୍ତ୍ତୀ ଅନୁସନ୍ଧାନ ପାଇଁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ଏହି ଅପରେସନ୍ ରେଞ୍ଜ ଅଫିସର ଶ୍ରୀମତୀ ସଂଘମିତ୍ରା ଭୋଇଙ୍କ ନିର୍ଦ୍ଦେଶନାରେ ଶ୍ରୀ ସୁଶୀଲ ପୁଟା, ଫରେଷ୍ଟର, ଶ୍ରୀ ଛନ୍ଦାଚରଣ ଜାନି, ଫରେଷ୍ଟ ଗାର୍ଡ, ଶ୍ରୀମତୀ ମଧୁସ୍ମିତା ବେହେରା, ଫରେଷ୍ଟ ଗାର୍ଡ, ଶ୍ରୀମତୀ ପ୍ରଜ୍ଞା ମହାରଣା, ଫୋରେଷ୍ଟ ଗାର୍ଡ, ସଇଁତଳା ରେଞ୍ଜ ର ପାରା ଷ୍ଟାଫ୍ ସହିତ କରାଯାଇଥିଲା ।

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘ ପକ୍ଷରୁ ଧାରଣା

ଭୁବନେଶ୍ୱର , ୦୮/୦୬ (ନି.ପ୍ର): ୮ ଦଫା ଦାବି ପୂରଣ ନେଇ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘ ପକ୍ଷରୁ ଆଜି ମାହାତ୍ମାଗାନ୍ଧୀ ମାର୍ଗରେ ଧାରଣା ଦିଆଯାଇଛି। ସଂଘ ପକ୍ଷରୁ କରାଯାଇଥିବା ପ୍ରମୁଖ ଦାବି ଗୁଡ଼ିକ ହେଲା ଡିପ୍ଲୋମା ଇଞ୍ଜିନିୟର ମାନଙ୍କର ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦୋନ୍ନତି ହାର ଶତକଡ଼ା ୫୦ ଭାଗକୁ ବୃଦ୍ଧି, ରାଜ୍ୟ ସରକାରଙ୍କ ଅଧୀନସ୍ଥ ବିଭିନ୍ନ ବିଭାଗରେ ଅବସ୍ଥାପିତ ସମସ୍ତ ଡିପ୍ ଲୋମା ଇଞ୍ଜିନିୟରମାନଙ୍କ ନିମିତ୍ତ ସମାନ କ୍ୟାଡର ରୁଲ ପ୍ରଚଳନ, ଡିପ୍ ଲୋମା ଇଞ୍ଜିନିୟରମାନଙ୍କ ପାଇଁ ଚାରି ଥାକିଆ ଏମଏସିପି ୭, ୧୪, ୨୧ ଓ ୨୮ ବର୍ଷ ପୂରଣ ପରେ ଲାଗୁ କରାଯାଉ, ୨୦୦୪ ପରେ ନିଯୁକ୍ତ ଡିପ୍ ଲୋମା ଇଞ୍ଜିନିୟରମାନଙ୍କ ଲାଗି ପୁରୁଣା ପେନସନ ସ୍କିମ ଲାଗୁ କରିବା ଆଦି ଦାବି ସଂଘ ପକ୍ଷରୁ କରାଯାଇଥିଲା। ଆଜିର ଏହି ଆନ୍ଦୋଳନରେ ସଂଘ ସଭାପତି ଶ୍ରୀକାନ୍ତ ମହାପାତ୍ର, କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ସଚିତ୍ର ମୋହନ ରାଉଳ, ସାଧାରଣ ସମ୍ପାଦକ ଶ୍ରୀଧର ବାରିକଙ୍କ ସମେତ ବହୁ ଇଞ୍ଜିନିୟର ଯୋଗ ଦେଇଥିଲେ।

ରସୁଲପୁର ବ୍ଲକରେ ସିଆରପି ଓ ଏମବିକେ ନିଯୁକ୍ତିରେ ଅନିୟମିତତା ଓ ଯାଂଚ କମିଟି ନାଁରେ ଚାଲିଛି ପ୍ରହସନ

ଧର୍ମଶାଳା, ୦୮/୦୬ (ନି.ପ୍ର): ଯାଜପୁର ଜିଲାର ଅନେକ ବ୍ଲକରେ ମିଶନ ଶକ୍ତି ନିଯୁକ୍ତିରେ ଅନିୟମିତତା ଓ ଅର୍ଥ କାରବାର ହେଉଥିବା ଅଭିଯୋଗ ଆସୁଛି। ଜିଲାର ବଡଚଣା ବ୍ଲକରେ ଏହି ଘଟଣା ପଦାକୁ ଆସିବା ପରେ ଏବେ ରସୁଲପୁର ବ୍ଲକରେ ସିଆରପି ଓ ଏମବିକେ ନିଯୁକ୍ତିରେ ବ୍ୟାପକ ଜାଲିଆତି ଓ ଟଂଚକତା ହେଉଥିବା ଅଭିଯୋଗ ଆସିଛି । ରସୁଲପୁର ବ୍ଲକ ରାଉତରାପୁର ପଂଚାୟତର ମିଶନ ଶକ୍ତି ମହିଳାମାନେ ଏହି ଅଭିଯୋଗ ଆଣିଛନ୍ତି । ତେବେ ଏଭଳି ଘଟଣାକୁ ନେଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ଏହି ଅନିୟମିତତା ଘଟଣାକୁ ନେଇ ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ପଂଚାୟତବାସୀ । ଯଦି ଏହି ଘଟଣାକୁ ଗୁରୁତ୍ୱ ଦିଆ ନ ଗଲେ ଆମାଗୀ ଦିନରେ ଶହଶହ ମହିଳାମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି । ଅଭିଯୋଗ ମୁତାବକ,ସରକାର ଦରିଦ୍ର ସୀମା ରେଖା ତଳେ ବସବାସ କରୁଥିବା ଅସହାୟ ମହିଳାମାନଙ୍କୁ ସଶକ୍ତ କରାଯିବା ନିମନ୍ତେ ମିଶନ ଶକ୍ତି ଜରିଆରେ ମିଶନଶକ୍ତି ଗଠନ କରାଯାଇଛି । ବ୍ଲକରେ ମୁଖ୍ୟ ହେଉଛନ୍ତି ସିଡିପିଓ । ସିଡିପିଓଙ୍କ ଅଜଣାତରେ ବ୍ଲକ ପୋଗ୍ରାମର ମ୍ୟାନେଜର ନିଜ ମନମୁତାବକ କାର୍ଯ୍ୟ କରୁଥିବାବା ନେଇ ରାଉତରାପୁର ପଂଚାତୟର ମହିଳାମାନେ ଓ ଶାସକ ଦଳର ବିରୋଧୀମାନେ ଅଭିଯୋଗ ଆଣିଛନ୍ତି । ସିଆରପି ନିଯୁକ୍ତ ପିଛା ୩୦ ହଜାର ଟଙ୍କାରୁ ୫୦ ହଜାର ଓ ଏମବିକେ ନିଯୁକ୍ତ ପାଇଁ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି ବିପିଏମ ସୁପ୍ରଭା ଜେନା । ସରକାରୀ ନିୟମ ଅନୁଯାୟୀ ପ୍ରତି ପଂଚାୟତରେ ୪ରୁ୫ ଜଣ ସିଆପି ରହିବେ । ରାଉତରାପୁର ପଂଚାୟତରେ ୪ ଜଣ ସିଆପି ରହିବା ପାଇଁ ନିୟମ ରହିଛି । ସିଆରପି ନିଯୁକ୍ତିରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରା ନ ଯାଇ ଟଙ୍କା ଓ ନିଜ ସମ୍ପର୍କୀୟଙ୍କୁ ନିଯୁକ୍ତି ଦିଆଯିବା ସହ ଉପଯୁକ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ରକୁ ନାକଚ କରାଯାଉଛି । ଏବଂ ମନଇଚ୍ଛା ଅଭିଜ୍ଞତା ପ୍ରମାଣ ପତ୍ର ପ୍ରଦାନ କରୁନ୍ତି । ଅନ୍ୟପକ୍ଷେ ବିପିଏମ ୩ ବର୍ଷ କାର୍ଯ୍ୟକାଳରେ ରହିବା କଥା କିନ୍ତୁ ସେ ଏଠାରେ ୪ ବର୍ଷ ହେବ କାର୍ଯ୍ୟରେ ରହି ଆସୁଛନ୍ତି । ଏପରିକି ସେ ଜିଲାପାଳ ଓ ଡିପିଏମ ପତ୍ରକୁ ଅବଜ୍ଞା କରୁଛନ୍ତି । ସେ ବ୍ଲକର ବିଭିନ୍ନ ସ୍ଥାନରେ କୋଚିଂ ସେଂଟର କରି ସେଠାରେ ରହୁଛନ୍ତି । ବ୍ଲକ ଲେବୁଲ ଫେଡେରେସନରେ ପଂଚାୟତରେ ଏକ କମିଟିରେ ୧୧ ଜଣିଆ ସଭ୍ୟା ରହିବେ । କିନ୍ତୁ ରାଉପତରାପୁର ପଂଚାୟତରେ ତାହା ଅନିୟମିତତା ହୋଇଛି ।

ଏହି ୪ ରାଶିର ବ୍ୟକ୍ତି ସୁନା ଧାରଣ କଲେ ମିଳିଥାଏ ଶୁଭଫଳ

ଭାରତୀୟ ସମାଜରେ ସୁନା ପ୍ରତି ଏକ ଅଲଗା ଆକର୍ଷଣ ରହିଛି । ବାସ୍ତୁଶାସ୍ତ୍ରରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେହିପରି ଗ୍ରହ ଦୋଷ କାଟିବା ପାଇଁ ଦେବୀ-ଦେବତାଙ୍କୁ ମଧ୍ୟ ସୁନା ଦାନ କରାଯାଇଥାଏ । ତେବେ ବାସ୍ତୁ ଅନୁସାରେ ଚାରୋଟି ରାଶିର ଲୋକେ ସୁନା ଅଳଙ୍କାର ପିନ୍ଧିଲେ ବିଶେଷ ଭାବେ ଲାଭବାନ ହୋଇଥା'ନ୍ତି । ସେମାନଙ୍କୁ ଏହା ଶୁଭ ଫଳ ଦେଇଥାଏ । ତା'ହେଲେ ଆସନ୍ତୁ ଜାଣିବା ସେହି ଚାରୋଟି ରାଶି ସଂପର୍କରେ...

ସିଂହ ରାଶି : ବାସ୍ତୁ ଅନୁସାରେ ଏହା ହେଉଛି ଅଗ୍ନି ତତ୍ତ୍ୱର ରାଶି । ଏହାର ସ୍ୱାମୀ ସୂର୍ଯ୍ୟଙ୍କ ସହିତ ସୁନାର କାରକ ଗୁରୁ ଗ୍ରହର ମିତ୍ର ଭଳି ସଂପର୍କ ରହିଥାଏ । ତେଣୁ ଏହି ରାଶିର ବ୍ୟକ୍ତିମାନେ ସୁନା ଅଳଙ୍କାର ପିନ୍ଧିଲେ ଭଲ । ଅତିକମ୍‌ରେ ଆଙ୍ଗୁଠିରେ ସୁନା ମୁଦିଟିଏ ପିନ୍ଧିଲେ ବି ଶୁଭଫଳ ପ୍ରାପ୍ତି ହୁଏ ।

କନ୍ୟା ରାଶି : ଏହି ରାଶିର ଲୋକଙ୍କ ଇଚ୍ଛା ପୂରଣ କରିବାରେ ସୁନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସୁନା ଧାରଣ କରିବା ଦ୍ୱାରା ଏହି ରାଶିର ବ୍ୟକ୍ତିଙ୍କୁ ଧନ, ସମ୍ପତ୍ତି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

ସୁନା-ରୂପା କିଣିବାକୁ ଥିବା ଲୋକମାନଙ୍କ ପାଇଁ...

ତୁଳା ରାଶି : ସୁନା ମୁଦି, ଚେନ୍ ଆଦି ପିନ୍ଧିଲେ ଏହି ରାଶି ଲୋକଙ୍କ ଭାଗ୍ୟରେ ପରିବର୍ତ୍ତନ ହୋଇଥାଏ ବୋଲି କୁହାଯାଏ । ରୋଗ ଓ ଶତ୍ରୁଙ୍କଠାରୁ ବି ସୁରକ୍ଷା ମିଳେ । ସୁନାର ଅନ୍ୟାନ୍ୟ ଆଭୂଷଣ ଅପେକ୍ଷା ଆଙ୍ଗୁଠିରେ ସୁନା ମୁଦି ପିନ୍ଧିଲେ ଏହି ରାଶିର ଲୋକଙ୍କୁ ବିଶେଷ ଫଳପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ ।

ଧନୁ ରାଶି : ବାସ୍ତୁ ଅନୁସାରେ ଧନୁ ରାଶିର ବ୍ୟକ୍ତିମାନେ ସୁନାର ଆଭୂଷଣ ଧାରଣ କଲେ ସବୁ କାର୍ଯ୍ୟ ଶୀଘ୍ର ହୋଇଥାଏ । କିନ୍ତୁ ଏହି ରାଶିର ବ୍ୟକ୍ତିମାନେ ପାଦରେ କୌଣସି ସୁନା ଆଭୂଷଣ ଧାରଣ କରିବା ଉଚିତ ନୁହେଁ ।

ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ କୋଲେଷ୍ଟ୍ରଲର ଲକ୍ଷଣ: ଆଗରୁ ହୁଅ ସାବଧାନ

ହାଇ କୋଲେଷ୍ଟ୍ରଲ ସର୍ବଦା ଆମ ସ୍ୱାସ୍ଥ୍ୟର ଶତ୍ରୁ ଭାବରେ ବିବେଚନା କରାଯାଏ କାରଣ ଏହା ଅନେକ ରୋଗର ମୂଳ । ଏହା ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ, କରୋନାରୀ ଧମନୀ ରୋଗ ଏବଂ ଟ୍ରିପଲ୍ ଭେସଲ ରୋଗର ବିପଦ ସୃଷ୍ଟି କରିଥାଏ, ଅତି ଖରାପ ଅବସ୍ଥାରେ, ଯେକୌଣସି ମଣିଷର ମୃତ୍ୟୁ ମଧ୍ୟ ହୋଇପାରେ । ହେଲେ ଏହାର ମାନେ ଏହା ନୁହେଁ ଯେ ପ୍ରତ୍ୟେକ କୋଲେଷ୍ଟ୍ରଲ ଖରାପ, ଭଲ କୋଲେଷ୍ଟ୍ରଲ ସାହାଯ୍ୟରେ ଆପଣଙ୍କ ଶରୀରରେ ସୁସ୍ଥ କୋଷ ଗଠନ ହୁଏ, ଯେତେବେଳେ ଖରାପ କୋଲେଷ୍ଟ୍ରଲ ପରିମାଣ ବଢ଼େ ତେବେ ସତର୍କ ରହିବା ଜରୁରୀ । ଏହି ଅବସ୍ଥାର ଲକ୍ଷଣ ସାଧାରଣତଃ ଦୃଶ୍ୟମାନ ହୁଏ ନାହିଁ, ଏହା ଲିପିଡ ପ୍ରୋଫାଇଲ୍ ପରୀକ୍ଷା ମାଧ୍ୟମରେ ଚିହ୍ନଟ ହୁଏ । ଯଦିଓ, ଶରୀରର କିଛି ଅଙ୍ଗରେ ଯନ୍ତ୍ରଣା ହୁଏ, ତେବେ ନିଶ୍ଚିତ ଭାବରେ ରକ୍ତ ପରୀକ୍ଷା କରିବା ଉଚିତ୍ ।

କେତେ ଖରାପ କୋଲେଷ୍ଟ୍ରଲ କ୍ଷତି :

ଯେତେବେଳେ ରକ୍ତରେ କୋଲେଷ୍ଟ୍ରଲ୍ ସ୍ତର ବଢ଼େ ଧମନୀରେ ଅବରୋଧ ଆରମ୍ଭ ହୁଏ, ଯେଉଁ କାରଣରୁ ହୃଦୟରେ ପହଞ୍ଚିବା ପାଇଁ ରକ୍ତକୁ ବହୁ ପରିଶ୍ରମ କରିବାକୁ ପଡ଼େ, ଏପରି ପରିସ୍ଥିତିରେ ହୃଦଘାତର ଆଶଙ୍କା ବଢ଼ିଯାଏ । ତେଣୁ, ଏହା ବୃଦ୍ଧି ହେବା ପୂର୍ବରୁ ଏହାକୁ ବନ୍ଦ କରିବା ଉଚିତ୍ । ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ

କୋଲେଷ୍ଟ୍ରଲର ଲକ୍ଷଣ :

ଯେତେବେଳେ ରକ୍ତରେ ଖରାପ କୋଲେଷ୍ଟ୍ରଲ୍ ସ୍ତର ବଢ଼େ, ସେତେବେଳେ ତୁମର ଜଙ୍ଘ, ପିଠି ଓ ମାଂସପେଶୀରେ ତୀବ୍ର ଯନ୍ତ୍ରଣା ହୁଏ, ଯାହା ଦ୍ୱାରା କଷ୍ଟ ହୁଏ । ଧମନୀରେ ଅବରୋଧ ହେତୁ ରକ୍ତ କେବଳ ହୃଦୟକୁ ନୁହେଁ ବରଂ ଶରୀରର ଅନ୍ୟ ସ୍ଥାନକୁ ମଧ୍ୟ ଯିବାରେ ଅସୁବିଧା ହୋଇଥାଏ ।

ବିଶେଷକରି ଗୋଡରେ ରକ୍ତ ପ୍ରବାହ ସଠିକ୍ ଭାବରେ ହୁଏନାହିଁ, ଏହି କାରଣରୁ ଏହି ଅଙ୍ଗରେ ଅମ୍ଳଜାନର ଅଭାବ ରହିଥାଏ, ଯେଉଁ କାରଣରୁ ଯନ୍ତ୍ରଣା ହୁଏ । ଏହି ସମସ୍ୟାକୁ ପେରିଫେରାଲ୍ ଧମନୀ ରୋଗ କୁହାଯାଏ ।

ତୁରନ୍ତ ରକ୍ତ ପରୀକ୍ଷା କରନ୍ତୁ :

ଜଙ୍ଘ, ପିଠି ଓ ମାଂସପେଶୀରେ ପ୍ରବଳ ଯନ୍ତ୍ରଣା ହେତୁ ଆପଣଙ୍କୁ ଚାଲିବା, ସାଧାରଣ ଶାରୀରିକ କାର୍ଯ୍ୟକଳାପ ଏବଂ ପାହାଚ ଚଢ଼ିବାରେ ଅସୁବିଧା ହୋଇପାରେ, ତେଣୁ ଏହି ପରିସ୍ଥିତିରେ କୋଲେଷ୍ଟ୍ରଲ ସ୍ତର ଯାଞ୍ଚ କରିବା ପାଇଁ ଆପଣଙ୍କୁ ଲିପିଡ ପ୍ରୋଫାଇଲ୍ ପରୀକ୍ଷା କରିବା ଉଚିତ୍ ।

ଏପରି ଲକ୍ଷଣ ପାଦରେ ମଧ୍ୟ ଦେଖାଯାଏ :

୧. ପାଦ ଏବଂ ପାଦ ତଳେ ଅତ୍ୟଧିକ ଯନ୍ତ୍ରଣା ହେବା ।
୨. ପାଦର ଅସ୍ଥିରତା ।
୩. ପାଦ ଥଣ୍ଡା ହୋଇଯିବା ।
୪. ପାଦ ହଳଦିଆ ହୋଇଯିବା ।
୫. ଆଙ୍ଗୁଠିରେ ଯନ୍ତ୍ରଣା ହେବା ।
୬. ଗୋଡରେ ଦୁର୍ବଳତା ଅନୁଭବ ହେବା ।
୭. ପାଦର ଚର୍ମର ରଙ୍ଗରେ ପରିବର୍ତ୍ତନ ହେବା ।



ଭାରତର ସବୁଠୁ ଧିମା ରେଳଗାଡ଼ି



ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ଖେଳନା ଟ୍ରେନ୍‌ଗୁଡ଼ିକର ବିଶେଷ ଆକର୍ଷଣ ରହିଥାଏ । ସେଥିରେ ଯାତାୟାତ କରିବା ବ୍ୟତୀତ ତାହା ସୁଡ଼ଙ୍ଗ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଗତି କରୁଥିବାରୁ ପର୍ଯ୍ୟଟକମାନେ ଯାତ୍ରାର ମଜା ଉଠାଇଥା'ନ୍ତି । ଆଉ ଏକ ମଜା କଥା ହେଲା, ଏହି ଖେଳନା ଟ୍ରେନ୍‌ଗୁଡ଼ିକ ଖୁବ୍ ଧୀରେ ଧୀରେ ଗଡ଼ିଥା'ନ୍ତି । ଏହି କ୍ରମରେ ତାମିଲନାଡୁର ମେଟୁପାଲାୟାମ୍-ଉଟି ନୀଳଗିରି ଯାତ୍ରୀବାହୀ ଟ୍ରେନ୍‌ଟି ଦେଶର ସବୁଠୁ ଧିମା ରେଳଗାଡ଼ିର ମାନ୍ୟତା ରଖିଛି । ଦେଶର ଦ୍ରୁତତମ ଟ୍ରେନ୍‌ର ପ୍ରାୟ ଷୋହଳ ଭାଗରୁ ଭାଗେ ବେଗରେ, ଅର୍ଥାତ୍ ଘଣ୍ଟାକୁ ସର୍ବାଧିକ ୧୦ କି.ମି. ବେଗରେ ଯାଇପାରୁଥିବା ଏହି ଟ୍ରେନ୍‌ଟି ୪୬ କି.ମି. ଅତିକ୍ରମ କରି ତାହାର ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ୫ ଘଣ୍ଟା ସମୟ ନେଇଥାଏ ।

ତ୍ୱଚାକୁ ସୁନ୍ଦର ରଖିବାକୁ ହେଲେ କରନ୍ତୁ ଏହି ଘରୋଇ ହର୍ବାଲ ଉପଚାର

ତ୍ୱଚାରେ ଚମକ ଆଣିବା ତଥା ତ୍ୱଚା ସମ୍ପର୍କୀୟ ସମସ୍ୟା ଦୂରେଇ ଦେବା ନିମନ୍ତେ ସବୁଠୁ ସୁରକ୍ଷିତ ତଥା ବିଶ୍ୱସନୀୟ ଉପଚାର ହେଲା ହର୍ବାଲ୍ ଉପଚାର । ହର୍ବାଲ୍ ଜିନିଷଗୁଡ଼ିକ ମୁଖ୍ୟତଃ ସହଜରେ ଘରେ ହାତ ପାହାନ୍ତାରେ ମିଳିଯାଇଥାଏ । ଏହାକୁ ବ୍ୟବହାର କରିବା ମଧ୍ୟ ସହଜ । ଏହା ବ୍ୟତୀତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ମଧ୍ୟ ଭୟ ନଥାଏ । କିପରି ବ୍ୟବହାର କରିବେ ଜାଣନ୍ତୁ ।

ଗୋଟିଏ ବଡ଼ ଟମାଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ପେଷ୍ଟ କରି ଦିଅନ୍ତୁ । ଟମାଟ ପେଷ୍ଟରେ ମହୁ ମିଶାଇ ମୁହଁରେ ଲଗାନ୍ତୁ । ଏହା ତ୍ୱଚାରେ ଚମକ ଆଣିଥାଏ । ବିଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ । ପାଞ୍ଚ ମିନିଟ ପର୍ଯ୍ୟନ୍ତ ବିଟ୍ ପେଷ୍ଟକୁ ମୁହଁରେ ମସାଜ୍ କରନ୍ତୁ । ପେଷ୍ଟ ଶୁଖିଯିବାର ୧୦ ମିନିଟ୍ ପରେ ମୁହଁକୁ ସାବୁନରେ ଧୋଇ ଦିଅନ୍ତୁ ।

ସେହିପରି ଚନ୍ଦନ ପାଉଡର, ଗୋଲାପ ଜଳ ଓ କ୍ଷୀରରେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ । ପେଷ୍ଟ ଶୁଖିଯିବା ପରେ ନଖ ଉଷୁମ ପାଣିରେ ମୁହଁ ଭଲଭାବେ ଧୋଇ ନିଅନ୍ତୁ ।

ମହୁ ଓ ଲେମ୍ବୁରସକୁ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ମୁହଁରେ ଚମକ ଆଣେ ଓ କଳାଦାଗରୁ ମୁକ୍ତି ଦିଏ ।

ହଳଦୀ, ଚନ୍ଦନଗୁଣ୍ଡ ଓ ଅଲିଭ୍ ଅଏଲକୁ ମିଶାଇ ଦେହରେ ଲଗାନ୍ତୁ । ଏହା ଶୁଖିଯିବାର ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ ।

ନିୟମିତ ଶରୀରକୁ କ୍ଷୀରରେ ମସାଜ୍ କରନ୍ତୁ । କ୍ଷୀର ମଏଶ୍ଚରାଇଜର୍ ଭଳି କାମ କରିଥାଏ । ଖାସ କରି ଶୀତ ଦିନରେ ରୁଖ ତ୍ୱଚାରୁ ମୁକ୍ତି ପାଇବା ପାଇଁ କରନ୍ତୁ ।

ଗାଜରକୁ କୋରି ଏହାର ପେଷ୍ଟ କରି ତ୍ୱଚାରେ ମସାଜ୍ କରନ୍ତୁ । ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ ।

କ୍ଷୀର ଓ ଲେମ୍ବୁରସକୁ ମିଶାଇ ମୁହଁ ଓ ଶରୀରରେ ଲଗାନ୍ତୁ ।

ବୁଲା ବିକାଳିରୁ କୋଟିପତି ଚିତ୍ରଶିଳ୍ପୀ

ଶିଳ୍ପୀମାନଙ୍କର ଜୀବନ ସର୍ବଦା ଅପ୍ରତ୍ୟାଶିତ ଏବଂ ବେଳେ ବେଳେ ଦୁର୍ଭାଗ୍ୟପୂର୍ଣ୍ଣ ହୋଇଥାଏ । ମାତ୍ର ରାସ୍ତାକଡ଼ରେ ବୁଲି ଅନାବନା ରେଖା ଚିତ୍ର (ଡୁଡଲ ପେଣ୍ଟିଂ)କୁ ମାତ୍ର ଗୋଟିଏ ଡଲାରରେ ବିକିପାରୁନଥିବା ଚିତ୍ରଶିଳ୍ପୀ ସାମ୍ କକ୍ସ ନିଜର ଏକାଗ୍ରତା ଓ ଅଧ୍ୟବସାୟ ଯୋଗୁଁ ପାଞ୍ଚ ବର୍ଷ ପରେ ତାହାକୁ କୋଟିଏ ଡଲାରରେ ବିକ୍ରି କରିବାର କାହାଣୀ ଏବେ ଚର୍ଚ୍ଚାର ବିଷୟ ହୋଇଛି । ଏକଦା ନିଜ ପେଟ ପାଇଁ ମୁଠେ ଦାନା ପାଇଁ ସାରା ଦିନ ରାସ୍ତାକଡ଼ରେ ଖରା, ବର୍ଷା, ଶୀତରେ ସନ୍ତୁଳି ହେଉଥିବା କକ୍ସଙ୍କ ସଂଘର୍ଷର ପ୍ରେରଣାଦାୟୀ କାହାଣୀ ଲୋକଲୋଚନକୁ ଆସିଛି । ମାତ୍ର ୧୫ ବର୍ଷ ବୟସ ବେଳୁ ସେ ଡୁଡଲ୍ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ । ତେବେ ୨୦୧୭ରେ ତାଙ୍କ ଅସଲି ଚିତ୍ରଶିଳ୍ପୀ ଜୀବନ ସ୍ୱୀକୃତି ଲାଭ କରିଥିଲା ଯେତେବେଳେ ସେ କେବଳ କଳା ରଙ୍ଗରେ ଆଙ୍କିଥିବା ଡୁଡଲ୍ ଛବିକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ । ସେହି ଛବିଟି ଇନ୍‌ଷ୍ଟାଗ୍ରାମରେ ୨.୮ ନିୟୁତ ଲୋକଙ୍କୁ ଆକର୍ଷିତ କରିଥିଲା । ନିକଟରେ ସେ ଛାଡ଼ିଥିବା ଭିଡିଓରେ ଅତୀତରେ ସେ କେମିତି ରାସ୍ତାକଡ଼ରେ ଛିଡ଼ା ହୋଇ ଚିତ୍ରକଳା ବିକୁଥିଲେ, ତାହା ଦର୍ଶାଇଛନ୍ତି । ତେବେ ମଜାର କଥା, ଯେଉଁ ଛବିଗୁଡ଼ିକୁ ଲୋକେ ମାତ୍ର ଗୋଟିଏ ଡଲାରରେ କିଣିବାକୁ ପସନ୍ଦ କରୁନଥିଲେ, ସେଗୁଡ଼ିକ ଏବେ କୋଟି କୋଟି ଟଙ୍କାରେ ନିଲାମ ହେଉଛି ।

ମଣିଷ ପୂର୍ବରୁ ଶବ ପୋତୁଥିଲା ସମ୍ପର୍କୀୟ ପ୍ରଜାତି

ଦକ୍ଷିଣ ଆଫ୍ରିକାରେ ଆବିଷ୍କୃତ କିଛି ଜୀବାଶ୍ମରୁ 'ହୋମୋ ନାଲେଡି' ନାମକ ବିଲୁପ୍ତ ହୋଇ ଯାଇଥିବା ମଣିଷର ସମ୍ପର୍କୀୟ ପ୍ରଜାତିର କେତେକ ଆଶ୍ଚର୍ଯ୍ୟଜନକ ଚଳଣି ସମ୍ପର୍କରେ ନୂତନ ତଥ୍ୟ ଜାଣିବାକୁ ମିଳିଛି । ସେମାନେ ମଣିଷ ଭଳି ମୃତକମାନଙ୍କୁ କବର ଦେଉଥିଲେ ବୋଲି ଜଣାଯାଇଛି । ତାଙ୍କର ଶବ ପୋତିବାର ପ୍ରଥା ଆଧୁନିକ ମଣିଷଙ୍କ ଠାରୁ ୧ ଲକ୍ଷ ବର୍ଷ ପୁରୁଣା । ଦକ୍ଷିଣ ଆଫ୍ରିକାର୍ଦ୍ୱିଟ୍ୱାଟରସ୍ରାଣ୍ଡ ବିଶ୍ୱବିଦ୍ୟାଳୟର ଦଳେ ନୃତତ୍ତ୍ୱବିତ ଦକ୍ଷିଣ ଆଫ୍ରିକାର ରାଇଜିଂ ଷ୍ଟାର ଗୁମ୍ଫା ପ୍ରଣାଳୀ ଭିତରୁ ଆବିଷ୍କୃତ ୧୫ ପ୍ରକାର 'ହୋମୋ ନାଲେଡି' ପ୍ରଜାତିର ୧୫୦୦ ଜୀବାଶ୍ମକୁ ଅନୁଧ୍ୟାନ କରି ଏପରି ନିର୍ଯ୍ୟାସରେ ପହଞ୍ଚିଛନ୍ତି । ଏହି ପ୍ରଜାତି ଦୁଇ ଲକ୍ଷରୁ ତିନି ଲକ୍ଷ ବର୍ଷ ଯାଏ ବସତି ସ୍ଥାପନ କରିଥିବା ଅନୁମାନ କରାଯାଏ । ତେବେ ସେମାନଙ୍କ ଆଚରଣ ଉଭୟ ପୁରାତନ ଓ ଆଧୁନିକ ମନୁଷ୍ୟ ପ୍ରଜାତିର ଏକ ସମ୍ମିଶ୍ରଣ ଥିଲା । ଆମ ପରି ସେମାନଙ୍କର ହାତଗୋଡ଼ ଥିଲା ଏବଂ ସେମାନେ ସିଧା ହୋଇ ଚାଲୁଥିଲେ । ତେବେ ସେମାନଙ୍କ କାନ୍ଧର ଗଠନ ସେମାନଙ୍କୁ ଚଢ଼ିବା ପାଇଁ ସହାୟକ ହେଉଥିଲା ଏବଂ ପୁରାତନ ବଣମଣିଷ ପରି ସେମାନଙ୍କର ଦାନ୍ତର ଆକୃତି ଥିଲା । ସେମାନଙ୍କ ମସ୍ତିଷ୍କ ଆକାର ଆଧୁନିକ ମନୁଷ୍ୟ ମସ୍ତିଷ୍କର ଏକ-ତୃତୀୟାଂଶ ଥିଲା । ମଣିଷର ଅନ୍ୟ କୌଣସି ସମ୍ପର୍କୀୟ ପ୍ରଜାତିରେ ଶବକୁ କବର ଦେବା ପୂର୍ବରୁ କେବେ ଦେଖାଯାଇନଥିଲା । ଶବ ସତ୍କାର ପରି ସାମାଜିକ ଆଚରଣ ଆମକୁ ଅନ୍ୟ ପ୍ରାଣୀଙ୍କ ଠାରୁ ପୃଥକ୍ କରୁଥିବା ବେଳେ 'ହୋମୋ ନାଲେଡି'ମାନେ ମଧ୍ୟ ମୃତ୍ୟୁର ମହତ୍ତ୍ୱ ବୁଝିଥିଲେ ।

ଏହି ଫଳରେ ରହିଛି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ପଟାସିୟମ୍, କପର ଓ ଭିଟାମିନ୍ ସି

ଏବେ ବଜାରରେ ଯେଉଁଠି ଦେଖିବେ ଲିଚୁ । ବିଶେଷ କରି ସାବିତ୍ରୀ ଓ ରଜ ସମୟରେ ନଜର ଆସୁଥିବା ଏହି ଫଳଟି ଦେଖିବାକୁ ଯେମିତି ସୁନ୍ଦର ଖାଇବାକୁ ଆହୁରି ସୁଆଦିଆ । ମିଠା ଲାଗୁଥିବା ଏହି ରସାଳୁଆ ଫଳଟି ଅନେକ ଲୋକଙ୍କର ପ୍ରିୟ । ଏହା ଏକ ଋତୁଭିତ୍ତିକ ଫଳ ହୋଇଥିବାରୁ ସବୁ ସମୟରେ ଦେଖିବାକୁ ମିଳେ ନାହିଁ । ଏହି କାରଣରୁ ଆପଣ ଏବେ ଏହି ଫଳ ଖାଇକରି ଭରପୂର ମଜା ଉଠାନ୍ତୁ । ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବହୁ ଉପକାରୀ ମଧ୍ୟ । ଏହି ଫଳରେ ପ୍ରଚୁର ପରିମାଣର ଭିଟାମିନ୍, ମିନେରାଲ୍‌ସ ଏବଂ ଆଣ୍ଟି ଅକ୍ସିଡାଣ୍ଟ୍ ରହିଛି । ଏଥିରେ ରହିଥିବା ପଟାସିୟମ୍, କପର ଓ ଭିଟାମିନ୍ ସି ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରଥାଏ । ଲିଚି ହୃଦ୍‌ରୋଗ, କର୍କଟ ଓ ମଧୁମେହ ପରି ରୋଗ ସହ ଲଢ଼ିଥାଏ । ତେବେ ଲିଚୁ ଖାଇବାର ବି ଏକ ସୀମା ରହିଛି । ଆପଣ ଦିନକୁ ୧୦ରୁ ୧୨ଟି ଲିଚୁ ଖାଇପାରନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ପତନମୁଖି ଗଣତନ୍ତ୍ର...

ମଣିପୁରର ସାମ୍ପ୍ରଦାୟିକ ହିଂସା, ଯାହା ଏଯାବତ୍ ହାରାହାରି ୧୦୦ ଲୋକଙ୍କ ଜୀବନ ନେଇ ସାରିଛି ଏବଂ ୩୫ହଜାରରୁ ଅଧିକ ସଂଖ୍ୟକ ଲୋକଙ୍କ ବାସଚ୍ୟୁତ ହେବାର କାରଣ ହୋଇ ସାରିଛି, ତା'ର ତଦନ୍ତ କରିବାକୁ କେନ୍ଦ୍ର ସରକାର ତିନିଜଣିଆ କମିଟିଟିଏ ଗଠନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେବେ ସାମ୍ପ୍ରତିକ ସମୟରେ ଇଣ୍ଟରନେଟ୍ ସେବା ସହିତ ଅଭ୍ୟସ୍ତ ହୋଇ ସାରିଥିବା ଲୋକମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏଥିରୁ ବଞ୍ଚିତ କରାଯିବା, ଯେଉଁ ପଥକୁ ସରକାର ଏବଂ ସୁରକ୍ଷା ଏଜେନ୍ସିମାନେ ହିଂସାକୁ ରୋକିବା ନାମରେ ବର୍ତ୍ତମାନ ଆପଣାଇ ନେଉଛନ୍ତି,ତାହା କଦାଚିତ୍ ସ୍ପୃହଣୀୟ । ଏଭଳି ଦାୟିତ୍ୱହୀନ, ଅଗଣତାନ୍ତ୍ରିକ ଏବଂ ଏପରିକି ବେଆଇନ ପଦକ୍ଷେପର ସର୍ବାଧିକ ଭୁକ୍ତଭୋଗୀ ହେଉଛନ୍ତି ମଣିପୁରବାସୀ । ଏକ ଦେଶରେ, ଯେଉଁଠି ୯୦ ପ୍ରତିଶତ ଲୋକ ସେମାନଙ୍କ ମୋବାଇଲ ଫୋନ୍‌ଗୁଡ଼ିକ ଜରିଆରେ ଇଣ୍ଟରନେଟ୍ ସେବାର ଉପଯୋଗ କରିଥାନ୍ତି, ସେଭଳି ଏକ କ୍ଷେତ୍ରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଯଦି ଏକ ଉଦ୍ୟମ କରନ୍ତି, ତା'ହେଲେ ଗଣ୍ଡଗୋଳ ଭିଆଣକାରୀମାନଙ୍କୁ ଧରିବା ସେମାନଙ୍କ ପକ୍ଷେ ଅସମ୍ଭବ ହେବନାହିଁ । ପରନ୍ତୁ, ତା' ପରିବର୍ତ୍ତେ ଏଜେନ୍ସିମାନେ ସହଜ ବିକଳ୍ପ ଭାବରେ ସେବା ନିବୃତ୍ତିକୁ ଆପଣାଇ ନେଉଛନ୍ତି ଏବଂ ସମସ୍ତ ଜନତାଙ୍କୁ ସେମାନଙ୍କ ନିଜ ଇଚ୍ଛା ଅନୁସାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେବା ଉପଭୋଗରୁ ବଞ୍ଚିତ କରୁଛନ୍ତି । ୨୦୨୦ରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ କହିଥିଲେ ଯେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଯେ କୌଣସି ଅଞ୍ଚଳରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯିବା ସାଧାରଣ ନାଗରିକମାନଙ୍କର ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯିବା ସହିତ ସମାନ ହୋଇଥିବା ସଙ୍ଗେ ସଙ୍ଗେ କ୍ଷମତାର ଦୁରୁପଯୋଗ ଏବଂ ସେଥିପାଇଁ ଏହା ଅନୁମୋଦନୀୟ ନୁହେଁ । ଜାମ୍ମୁ-କାଶ୍ମୀରରେ କେନ୍ଦ୍ର ସରକାର ଇଣ୍ଟରନେଟ୍ ସେବାକୁ ବନ୍ଦ କରିବା ବାବଦରେ ଏକ ମାମଲାର ବିଚାର ପରିପ୍ରେକ୍ଷୀରେ ସେ ସମୟରେ କୋର୍ଟ ଦର୍ଶାଇ ଥିଲେ ଯେ ଇଣ୍ଟରନେଟ୍ ବ୍ୟବହାର କରିବା ସମ୍ବିଧାନର ଅନୁଚ୍ଛେଦ ୧୯ ଅଧୀନରେ ଏକ ମୌଳିକ ଅଧିକାର । ସରକାର ଏ ବାବଦରେ ରହିଥିବା ମାର୍ଗଦର୍ଶିକାକୁ ଅନୁସରଣ କରିବା ସହିତ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ ଏବଂ ଉଲ୍ଲେଖ କରି ଏହି ସେବାକୁ ସାମୟିକ ଭାବରେ ବନ୍ଦ କରି ପାରିବେ । ତେଣୁ ସ୍ପଷ୍ଟ ହୋଇ ଯାଇଥାଏ ଯେ ବର୍ତ୍ତମାନ ସୁଦ୍ଧା ଯେଉଁ ଆଇନ ରହିଛି, ତାହା ସରକାରଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିବାକୁ କୌଣସି କ୍ଷମତା ପ୍ରଦାନ କରିନାହିଁ । ଜନସାଧାରଣଙ୍କ ଜୀବନକୁ ଡିଜିଟାଲକରଣ କରିବା କ୍ଷେତ୍ରରେ ଭାରତ ବିଶ୍ୱ ନେତୃତ୍ୱ ନେବାର ପଥରେ ରହିଛି ବୋଲି କହି ଗର୍ବ ଅନୁଭବ କରୁଛି । ଭାରତ ଏମିତି ଏକ ଦେଶ, ଯେଉଁଠି ପ୍ରଯୁକ୍ତି ବିଦ୍ୟା ଲୋକମାନଙ୍କ ଦୈନନ୍ଦିନ ଜୀବନର ପ୍ରସଙ୍ଗଗୁଡ଼ିକର ସମାଧାନର ପନ୍ଥା ବାହାର କରିବାରେ ସାହାଯ୍ୟ କରୁଛି ବୋଲି ଯେ କୌଣସି ସ୍ଥାନରେ ଏହାକୁ ପ୍ରଦର୍ଶନ କରିବାର କୌଣସି ସୁଯୋଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହାତଛଡ଼ା କରୁ ନାହାନ୍ତି; ୫ଜି ଏବଂ ୬ଜି ଯୋଗାଯୋଗ ବ୍ୟବସ୍ଥାର ଉପସ୍ଥିତି ପରେ ଦେଶ କିପରି ତା'ର ଭବିଷ୍ୟତର ରୂପରେଖ ବଦଳାଇବାର ଆଭିମୁଖ୍ୟ ପୋଷଣ କରିଛି, ସେ ସମ୍ପର୍କରେ ବିଦେଶୀ ରାଷ୍ଟ୍ରମାନଙ୍କ ଆଗରେ ପ୍ରାୟତଃ ସେ ବାହାଦୁରୀ ବଖାଣି ଚାଲିଛନ୍ତି । ତାଙ୍କ କହିବା କଥାରେ ମଧ୍ୟ ସତ୍ୟତା ରହିଛି, କାରଣ ଡିଜିଟାଲକରଣ ଅଧିକାଂଶ ଭାରତୀୟଙ୍କ ଜୀବନର ଏକ ଅଂଶ ହୋଇ ସାରିଛି । ଅନେକଗୁଡ଼ିଏ ଅତ୍ୟାବଶ୍ୟକୀୟ ସେବା କ୍ଷେତ୍ରରେ ଡିଜିଟାଲ ସଂଯୋଗ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟମାନ ସମ୍ପାଦନ କରି ଲୋକମାନଙ୍କ ଜୀବନକୁ ସ୍ୱଚ୍ଛନ୍ଦ କରି ପାରିଛି । ତେଣୁ କୌଣସି ଅଞ୍ଚଳରେ ଶାନ୍ତି ବ୍ୟାହତ ହେଉଥିବା କାରଣରୁ ଯଦି ଅନିର୍ଦ୍ଦିଷ୍ଟ କାଳ ପାଇଁ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଏ ଏବଂ ଅଫ୍‌ଲାଇନ୍ ବ୍ୟବସ୍ଥାର ଆଶ୍ରୟ ନିଆଯାଏ, ତା'ହେଲେ ତାହା ସମ୍ପୃକ୍ତ ଅଞ୍ଚଳର ସମସ୍ତଙ୍କ ପାଇଁ ଅସୁବିଧାର କାରଣ ପାଲଟି ଯିବାରେ ଅସ୍ୱାଭାବିକତା ନାହିଁ । ସରକାର ଏକଥା ମଧ୍ୟ ସ୍ମରଣ କରିବା ଉଚିତ ଯେ ୨୦୨୨ରେ ଦେଶରେ ୮୪ ଥର ଇଣ୍ଟରନେଟ୍ ସେବା ବନ୍ଦ କରି ବିଶ୍ୱ ଦରବାରରେ ଏହା ନିଜର ଛବିକୁ ମଳିନ କରି ସାରିଛନ୍ତି । ଏହାଠୁ ଆହୁରି ଖରାପ କଥା ହେଉଛି, ଭାରତ ଏକ ତାଲିକାରେ ଶୀର୍ଷ ସ୍ଥାନ ମଣ୍ଡନ କରିଛି, ଯେଉଁ ତାଲିକା ସେହିସବୁ ଦେଶମାନଙ୍କୁ ନେଇ ପ୍ରସ୍ତୁତ ହୋଇଛି, ଯେଉଁମାନେ ବିଗତ ପାଞ୍ଚ ବର୍ଷ ଭିତରେ ଇଣ୍ଟରନେଟ୍ ସେବା ଅଧିକ ଥର ବନ୍ଦ କରିବାର ପଦକ୍ଷେପ ନେଇଛନ୍ତି । ମଣିପୁରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିବା ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପକ୍ଷେ ଶୋଭନୀୟ ନୁହେଁ । ପରିବର୍ତ୍ତେ ସରକାର ସମସ୍ୟାର ସମାଧାନ ପାଇଁ ଅଧିକ ଦାୟିତ୍ୱସମ୍ପନ୍ନ, ଗଣତାନ୍ତ୍ରିକ ଏବଂ ଆଇନଗତ ମାଧ୍ୟମର ଅନ୍ୱେଷଣ କରିବା ଉଚିତ ।



ବାହାନଗା ହେଲା ଶେଷ ଠିକଣା

ଦିଲ୍ଲୀପ କୁମାର ସାହୁ



ବାପା ଖୋଜୁଅଛି ପୁଅକୁ ବାହୁନି
ଗଦା ଗଦା ଶବ ତଳେ
ସିନ୍ଦୁର ସିନ୍ଥିରୁ ପୋଛି ସୁହାଗିନୀ
ତତଲା ଲୁହରେ ଜଳେ...

ତୁମେ ଥାଉ ଥାଉ କୁହ ମହାବାହୁ
ଏମିତି କାହିଁକି ହେଲା
ଲେଉଟିଲା ରେଳ ଅକାଳରେ କାଳ
କେତେଯେ ପରାଣ ନେଲା
ବାହାନଗା ହେଲା ଶେଷ ଠିକଣା ତ
କାଳର କରାଳ କୋଳେ..

ପୋଷିଲା ପୁଅକୁ ହରାଇ କେତେଯେ
ବେସାହାରା ହୋଇଗଲେ
ଆଖି ପିଛୁଳାକେ ଛେଉଣ୍ଡ ହୋଇଲେ
କଅଁଳ ନିରିହ ପିଲେ
ଚିହିରି ଚିହିରି କାନ୍ଦେ କୁନି ପୁଅ
କିଏ ବସାଇବ କୋଳେ....

ହଜାରେ ସପନ ଆଖି ପିଛୁଳାକେ
ସପନେ ମିଳେଇଗଲା
ରକତର ଶୁଅ ହସ ଖୁସି ସବୁ
ନିମିଷକେ ଧୋଇ ନେଲା
କେତେ ପରିବାର ହେଲା ଛାରଖାର
ଦୁଃଖ ଦରିଆର କୂଳେ...

କିଏ ଆସିଥିଲା କେତେ ଆଶା ନେଇ
ତୁମକୁ ଦେଖିବ ବୋଲି
ସ୍ନାହାନ ବେଦୀରେ ଚତୁର୍ଦ୍ଧା ମୂରତୀ
ଦେଖି ଧନ୍ୟ ହେବ ବୋଲି
ଆଶା ରହିଗଲା ସିଏ ଶୋଇଗଲା
ଦାଉଦାଉ ଯୁଇ ଜଳେ...

ତୁମ ପାଦତଳେ ଏତିକି ମିନତି
ହେ ପ୍ରଭୁ ଜଗତ ସାଇଁ
ଦିଅ ହେ ଶକତି ଏ ଘୋର ବିପତ୍ତି
ଦୁଃଖ କୁ ସହିବା ପାଇଁ
ଉଜୁଡା ଘରକୁ ଦିଅ ହେ ସଜାଡି
ତୁମରି ଆଶିଷ ବଳେ ....

+ଶଙ୍କରପୁର, ଚାରବାଟିଆ, ଚୌଦାର

କର୍ଣ୍ଣାଟକ ମନ୍ତ୍ରୀମଣ୍ଡଳରେ ଜାତି ଭାଗ

ଅଧ୍ୟାପକ ଗୋପବନ୍ଧୁ

ପ୍ରତି ସାଧାରଣ ନିର୍ବାଚନ ପରେ ମନ୍ତ୍ରୀମଣ୍ଡଳ ଗଠନ ହେବା ଏକ ସାଧାରଣ ଘଟଣା । ସେହି ଦୃଷ୍ଟିରୁ ନିକଟରେ ସମାପ୍ତ ହୋଇଥିବା କର୍ଣ୍ଣାଟକ ନିର୍ବାଚନପରେ ସେଠାରେ ମନ୍ତ୍ରୀମଣ୍ଡଳ ଗଠନ ହେବା ସ୍ୱାଭାବିକ ଘଟଣା । କିନ୍ତୁ ଟିକେ ଭିତରକୁ ଯାଇ ଅନୁଧ୍ୟାନ କଲେ ଏ ମନ୍ତ୍ରୀମଣ୍ଡଳର ସ୍ୱତନ୍ତ୍ରତା ସ୍ପଷ୍ଟଭାବେ ବାରି ହୋଇଯିବ । ଏହି ମନ୍ତ୍ରୀମଣ୍ଡଳରେ ଅନ୍ୟାନ୍ୟ ରାଜ୍ୟର ମନ୍ତ୍ରୀମଣ୍ଡଳ ତୁଲ୍ୟ ଆଂଚଳିକ ଭାରସାମ୍ୟ ତ ରହିଛି, ଏହା ସହିତ ସବୁଠାରୁ ବଡକଥା ହେଉଛି ଏଥିରେ ଜାତିଗତ ସନ୍ତୁଳନ ମଧ୍ୟ ରହିଛି । ଏଥିରେ ଜାତିଗତ ସମୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଯାହାକି ଭାରତୀୟ ରାଜନୀତିରେ ଏକ ନୂତନ ଘଟଣା । ମନ୍ତ୍ରୀମଣ୍ଡଳରେ ଜାତିଗତ ସମୀକରଣ ଭାରତୀୟ ରାଜନୀତିରେ ନୂତନ ପ୍ରୟୋଗ । ପ୍ରତ୍ୟେକ ଜାତି ଓ ଗୋଷ୍ଠୀ ନିଜର ସଂଖ୍ୟାନୁପାତରେ ମନ୍ତ୍ରୀପଦ ପାଇବା ଏକ ଉଲ୍ଲେଖନୀୟ ଘଟଣା ଓ ଭବିଷ୍ୟତ ରାଜନୀତି ପାଇଁ ଏକ ସମ୍ଭାବିତ ଦିଶାନିର୍ଦ୍ଦେଶ । କ୍ରମେ ଏହା ଅନ୍ୟ ରାଜ୍ୟରେ ମଧ୍ୟ ଦେଖାଦେବ ।

ଗଣତନ୍ତ୍ର ଶାସନ ଏକ ଭାଗୀଦାରୀ ବ୍ୟବସ୍ଥା । ସମସ୍ତ ବର୍ଗକୁ ସନ୍ତୁଷ୍ଟ କରିପାରିବା ହେଉଛି ଗଣତନ୍ତ୍ରର ଉତ୍କୃଷ୍ଟତା । ଭାରତବର୍ଷର ସମ୍ବିଧାନ ଧର୍ମକୁ ଯେଉଁପରି ସ୍ୱୀକୃତି ଦେଇଛି, ସେହିପରି ଜାତିକୁ ମଧ୍ୟ ସ୍ୱୀକୃତି ଦେଇଛି ଅନଗ୍ରସର ଜାତି ସମୂହର ବିକାଶ ପାଇଁ । ଏମାନଙ୍କ ବିକାଶ ମାଧ୍ୟମରେ ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରାଯାଇଛି । ଏମାନଙ୍କ ବିକାଶ କଥା କହିଲା ବେଳକୁ ରାଜନୈତିକ ଭାଗୀଦାରୀ ମଧ୍ୟ ଏହାର ଅନ୍ତର୍ଗତ ଅଟେ । ତେଣୁ କର୍ଣ୍ଣାଟକର ନବନିର୍ବାଚିତ ସରକାରରେ ସମାନୁପାତିକ ଜାତିଗତ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ଦ୍ୱାରା ବ୍ୟତିକ୍ରମ ସୃଷ୍ଟି ହୋଇଛି ଯେ ଯେଉଁ ଗୋଟିଏ ଦୁଇଟି ପ୍ରଭାବଶାଳୀ ଜାତି ରାଜନୈତିକ କ୍ଷମତାକୁ ନିଜ ହାତମୁଠାରେ ରଖୁଥିଲେ ତାହା ଆଉ ହୋଇନାହିଁ । କ୍ଷମତାର ବିକେନ୍ଦ୍ରୀକରଣ ହୋଇଛି । ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର । ଏହି ପ୍ରକ୍ରିୟାରେ ଦେଶର ସବୁଠାରୁ ପ୍ରଭାବଶାଳୀ ଜାତି ବ୍ରାହ୍ମଣଙ୍କ ଭାଗରେ କେବଳ ଗୋଟିଏ ମନ୍ତ୍ରୀପଦ ପଡିଛି । ଏହା କେତେକଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ ।

କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୁଇ ତୁଙ୍ଗ ନେତା ସିଦ୍ଧରମେୟା ଓ ଡି. କେ. ଶିବକୁମାରଙ୍କ ମଧ୍ୟରେ ଯେଉଁ ଟଣାଓଟରା ଚାଲିଥିଲା ତାହାର ଅବସାନ ଘଟିଛି । ସିଦ୍ଧରମେୟା ମୁଖ୍ୟମନ୍ତ୍ରୀ ଓ ଶିବକୁମାର ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଉଭୟେ ପଛୁଆବର୍ଗରୁ ଆସନ୍ତି । ପାର୍ଟି ନିର୍ବାଚନ ପ୍ରଚାର ସମୟରେ ସାମାଜିକ ସମୀକରଣ ଉପରେ ଯେଉଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲା ମନ୍ତ୍ରୀମଣ୍ଡଳ ଗଠନ କାଳରେ ତାହାକୁ ବଜାଇ ରଖିଛି । ପ୍ରଥମ ପର୍ଯ୍ୟାୟରେ ଯେଉଁ କ୍ୟାବିନେଟ ମନ୍ତ୍ରୀମାନେ ସପଥ ନେଇଛନ୍ତି ସେମାନଙ୍କ ମଧ୍ୟରୁ ଲିଙ୍ଗାୟତ ସମାଜରୁ ଛଅ ଜଣ, ଭୋକାଲିଗାସ୍ ସମାଜରୁ ଚାରିଜଣ, କୁରୁବା, ରହୁ, ମର୍ଦ୍ଦ,ଏଡିଗା ଓ ମାଗାଭୀରା ସମାଜରୁ ଜଣେ ଲେଖାଏଁ, ଏସଟିରୁ ଦୁଇଜଣ, ଏସସିରୁ ତିନିଜଣ ଏବଂ ମୁସଲମାନ, ଖ୍ରୀଷ୍ଟିଆନ, ଜୈନ ଓ ବ୍ରାହ୍ମଣରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି । ଆପତତଃ ସମସ୍ତଙ୍କୁ ପ୍ରତିନିଧିତ୍ୱ ମିଳିଛି । ମହିଳା ମନ୍ତ୍ରୀବି ଅଛନ୍ତି ।

ଏ ସାମାଜିକ ସମୀକରଣ କଂଗ୍ରେସର ଅନ୍ତର୍ନିହିତ ଯୋଜନାର ପ୍ରତିଫଳନ । କଂଗ୍ରେସ ଭଲଭାବେ ଜଣିସାରିଛି ଯେ ସମାଜର ତଥାକଥିତ ଉଚ୍ଚଜାତି ଭୋଟ ଆଉ ଏ ପାର୍ଟିକୁ ଫେରିବ ନାହିଁ, ଯଦିଓ ଏହି ତଥାକଥିତ ଉଚ୍ଚଜାତିମାନେ ଦିନେ କଂଗ୍ରେସର ନେତୃତ୍ୱ ନେଉଥିଲେ । ଏବେ ସମଗ୍ର ଦେଶର ସଂଖ୍ୟାଧିକ ଏହି ଭୋଟ ବିଜେପି ପକେଟକୁ ଚାଲିଯାଇଛି । ତେଣୁ ଏମାନଙ୍କ ତୁଷ୍ଟିକରଣ ବିଶେଷ ଲାଭଦାୟକ ହେବନାହିଁ । ଏହା ଛଡା ଏମାନଙ୍କ ଭୋଟ ବହୁ କମ୍ ସଂଖ୍ୟକ ଯାହା ରାଜନୈତିକ ସ୍ଥିତିକୁ ବଦଳାଇବା ପାଇଁ ଯଥେଷ୍ଟ ନୁହେଁ । ଏମାନେ ପୁଣି ବହୁଭାଗରେ ବିଭକ୍ତ । ତେଣୁ କେବେବି ଏମାନେ କାହାର ଭୋଟବ୍ୟାଙ୍କ୍ ନୁହଁନ୍ତି । ପ୍ରକୃତରେ ଦେଶରେ ଭୋଟବ୍ୟାଙ୍କ୍ ହେଉଛନ୍ତି ଅନ୍ୟାନ୍ୟ ପଛୁଆବର୍ଗ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁମାନେ । କଂଗ୍ରେସ ଏମାନଙ୍କ ଉପରେ ଅଧିକ ଧ୍ୟାନ ଦେଉଛି । ଏମାନଙ୍କ ସମର୍ଥନରେ ପାର୍ଟି କର୍ଣ୍ଣାଟକରେ କ୍ଷମତାକୁ ଫେରିଛି । ଆଗାମୀ ଦିନରେ ଏହାହିଁ କଂଗ୍ରେସର ସମଗ୍ର ଦେଶରେ ଯୋଜନା ହେବ କ୍ଷମତାକୁ ଫେରିବା ପାଇଁ । ସଫଳତା ଭବିଷ୍ୟତ ବତାଇବ ।

କର୍ଣ୍ଣାଟକର ଏ ସମୀକରଣ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଗଭୀର ପ୍ରଭାବ ପକାଇବ । ରାଜ୍ୟ ବିଧାନସଭା ଓ ଲୋକସଭାରେ ପ୍ରତ୍ୟେକ ଜାତିକୁ ସଂଖ୍ୟାନୁପାତିକ ଆସନ ମିଳିବା ସପକ୍ଷରେ ଜନମତ ତିଆରି କରିବ । ଏହାପରେ ଯେଉଁ ରାଜ୍ୟ ମାନଙ୍କରେ ନିର୍ବାଚନ ହେବାକୁ ଯାଉଛି, ସେଠାରେ ମଧ୍ୟ ସମାନ ସମୀକରଣ କଂଗ୍ରେସ ବଜାଇ ରଖିବାକୁ ଚେଷ୍ଟା କରିବ । ଏ ପ୍ରକ୍ରିୟା ଯେ କଂଗ୍ରେସ ଶାସିତ ରାଜ୍ୟରେ ସୀମିତ ରହିବ ତାହା ନୁହେଁ, ଏହା କ୍ରମେ ଅଣକଂଗ୍ରେସ ଶାସିତ ରାଜ୍ୟକୁ ମଧ୍ୟ ସଂକ୍ରମିତ ହେବ । ଏହାର କାରଣ ହେଉଛି ସାମାଜିକ ସମୀକରଣ ସପକ୍ଷରେ ଯେଉଁ ଜନମତ ତିଆରି ହେଉଛି, ତାହାରି ଚାପରେ ଏ ପରିସ୍ଥିତି ଆସିବାକୁ ବାଧ୍ୟ ହେବ । ପ୍ରତ୍ୟେକ ରାଜ୍ୟରେ କର୍ଣ୍ଣାଟକ ତୁଲ୍ୟ ମନ୍ତ୍ରୀମଣ୍ଡଳର ଚାପ ସୃଷ୍ଟିହେବ । ଭାରତୀୟ ରାଜନୀତିରେ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱର କଥା କ୍ରମେ ଅଧିକରୁ ଅଧିକ ଶାଣିତ ହେବ ।

ଆମ ରାଜ୍ୟ ଓଡ଼ିଶା ମଧ୍ୟ ଏଥିରୁ ବର୍ତ୍ତିପାରିବ ନାହିଁ । ଏ ରାଜ୍ୟରେ ବିଧାନସଭା ନିର୍ବାଚନ ହେଉ କିମ୍ବା ଲୋକସଭା ନିର୍ବାଚନ ହେଉ ବିଭିନ୍ନ ରାଜନୈତିକ ଦଳ ସାମାଜିକ ସନ୍ତୁଳନ ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । ବିଶେଷକରି ଓବିସି ଓ ଏହାର ଅନ୍ତର୍ଗତ ବଡ ବଡ ଜାତିସମୁଦାୟର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯାଏ ନାହିଁ । ନିର୍ବାଚନ ଲଢିବା ପାଇଁ ଏମାନଙ୍କୁ ଟିକେଟ ମଧ୍ୟ ମିଳେନାହିଁ । ମନ୍ତ୍ରିମଣ୍ଡଳ ଗଠନ ସମୟରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳେ । ଏସଟି, ଏସସି, ଓବିସି ଓ ସଂଖ୍ୟାଲଘୁଙ୍କୁ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ମିଳେ ନାହିଁ । ସବୁକିଛି ଚାଲେ ତେଲିଆ ମୁଣ୍ଡରେ ତେଲ ନୀତିରେ । କର୍ଣ୍ଣାଟକର ସାମାଜିକ ସମୀକରଣ ପ୍ରଭାବ ନିଶ୍ଚୟ ଓଡ଼ିଶାରେ ପଡିବ । ସମସ୍ତ କ୍ଷେତ୍ରରେ ସଂଖ୍ୟାନୁପାତି ଭାଗୀଦାରୀର ଦାବୀ କ୍ରମେ ବଢିବାରେ ଲାଗିଛି । ଓଡିଶା ରାଜନୀତି ପାଇଁ ଏହା ଶୁଭଙ୍କର ବିଷୟ । ସମାନୁପାତିକ ଭାଗୀଦାରୀ ରାଜ୍ୟର ରାଜନୀତିକୁ ଅଧିକ ମଜଭୂତ କରିବା ସହିତ ଗଣତାନ୍ତ୍ରିକ ଢାଞ୍ଚାକୁ ଅଧିକ ସଶକ୍ତ କରିବ ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ:୭୦୦୮୯୭୬୯୮୦

ଏନକାଉଣ୍ଟର ବନାମ ସନ୍ତ୍ରାସବାଦ ବିଲୋପ

ଡକ୍ଟର ଲକ୍ଷ୍ମଣ ସାହୁ

ଏବେ ଭାରତରେ 'ଏନକାଉଣ୍ଟର' ଶବ୍ଦ ବହୁଳ ଭାବରେ ବ୍ୟବହୃତ ହେଉଛି । ଜାତୀୟ ଆନ୍ତର୍ଜାତୀୟ ସେମିନାରଠାରୁ ଆରମ୍ଭ କରି ପଡ଼ୋଶୀ ଚା 'ଦୋକାନ ପର୍ଯ୍ୟନ୍ତ - ପ୍ରତ୍ୟେକ ସ୍ଥାନରେ ଏ ବିଷୟରେ ବିଶେଷଜ୍ଞଙ୍କ ମତାମତ ଶୁଣିପାରିବେ । କିଛି ଦିନ ପରେ ଏକ ଏନକାଉଣ୍ଟରରେ ମୃତ୍ୟୁ ଖବର ଆସିଲା । ଶବ୍ଦର ଶବ୍ଦ ବନ୍ଦ ହୋଇଗଲା ଓ ପରେ ଅନ୍ୟ ଏକ ଏନକାଉଣ୍ଟର ଖବର ସହିତ ପୁନର୍ବାର ଯୋଡ଼ି ଦିଆଗଲା । ତେଣୁ ଏହା ଅବିରତ ଚାଲିଥାଏ । ଗଣତାନ୍ତ୍ରିକ ଦେଶ ପାଇଁ ଏହା କଦାପି ଖୁସିର ସମୟ ନୁହେଁ ।

ବିଂଶ ଶତାବ୍ଦୀର ଶେଷ ଭାଗରେ ଏନକାଉଣ୍ଟର ଶବ୍ଦ ବ୍ୟବହୃତ ହୋଇଥିଲା । ୧୯୯୦ରୁ ୨୦୦୦ ମଧ୍ୟରେ ମୁମ୍ବାଇ ପୋଲିସ ସହରର ମାଫିଆକୁ ହଟାଇବା ପାଇଁ ହତ୍ୟାକାଣ୍ଡର ସମ୍ମୁଖୀନ ହୋଇଥିଲା । ଯେତେବେଳେ ପୋଲିସ୍ ନିଜର ଆତ୍ମରକ୍ଷା ପାଇଁ ଗୁଳି କରିବାକୁ ବାଧ୍ୟ ହୁଏ, ଏକ ମୃତ୍ୟୁକୁ ଏନକାଉଣ୍ଟର କୁହାଯାଏ । ବାସ୍ତବରେ, ଆତ୍ମରକ୍ଷା ବାହାନାରେ ନକଲି ଏନକାଉଣ୍ଟରରେ ହତ୍ୟା କରିବା ପୋଲିସର ଅଧିକାର ପାଲଟିଛି । ଆତଙ୍କବାଦୀ କିମ୍ବା ମାଫିଆ - ଯେକୌଣସି ବ୍ୟକ୍ତିଙ୍କୁ ଏହିପରି ହତ୍ୟା କରାଯାଇପାରେ । ସେବେଠାରୁ ସାରା ଦେଶରେ ଧୀରେ ଧୀରେ ଏନକାଉଣ୍ଟର ହତ୍ୟା ବ୍ୟାପିଗଲା ।

ସୁପ୍ରିମକୋର୍ଟଙ୍କ ବିଚାର ଓ ଜାତୀୟ ମାନବ ଅଧିକାର ଆୟୋଗର ନିର୍ଦ୍ଦେଶାବଳୀ ଦ୍ୱାରା ଏନକାଉଣ୍ଟର ନିଷେଧ । ଏନକାଉଣ୍ଟର ମାମଲାରେ ଯେଉଁ ପୋଲିସ ଏନକାଉଣ୍ଟର କରିଥିଲେ ତାଙ୍କୁ ହତ୍ୟା ଅଭିଯୋଗ କରାଯିବ । ତା'ପରେ ତାଙ୍କୁ କୋର୍ଟରେ ପ୍ରମାଣ କରିବାକୁ ପଡିବ ଯେ ସେ ନିର୍ଦ୍ଦୋଷ । ପ୍ରମାଣ କରନ୍ତୁ ଯେ ଏହା ପ୍ରକୃତରେ ଏକ ଏନକାଉଣ୍ଟର ଥିଲା । ୨୦୧୧ ପ୍ରକାଶ କଦାମ ବନାମ ରାମ ପ୍ରସାଦ ବିଶ୍ୱମ ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି ପୋଲିସ ବିରୋଧରେ ବେଆଇନ ହତ୍ୟା ଅଭିଯୋଗ ପ୍ରମାଣିତ ହୁଏ, ତେବେ ପୋଲିସକୁ ମଧ୍ୟ ମୃତ୍ୟୁ ଦଣ୍ଡ ଦିଆଯିବା ଉଚିତ୍ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏନକାଉଣ୍ଟର ପରେ ପୋଲିସ ବିରୋଧରେ କୌଣସି ମାମଲା ଦାଏର କରାଯାଇ ନାହିଁ । କିନ୍ତୁ ଶେଷରେ

ବିନୋଦନ

ବିନୋଦନ

ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ଲାଲକିଲ୍ଲାରେ ସୁଟିଂ କରିବେ ଅକ୍ଷୟ କୁମାର, ଅନନ୍ୟା ପାଣ୍ଡେ

ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ଓ ଅନନ୍ୟା ପାଣ୍ଡେ ସେମାନଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର ପାଇଁ ସୁଟିଂ ନିମନ୍ତେ ଅନେକ ସପ୍ତାହ ହେଲା ବର୍ତ୍ତମାନ ଜାତୀୟ ରାଜଧାନୀ ଦିଲ୍ଲୀରେ ଅବସ୍ଥାନ କରୁଛନ୍ତି । କିରଣ ସିଂହ ତ୍ୟାଗୀଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ସି ଶଙ୍କରନ ନାୟାର ବା ?ୟୋପିକ୍ ଲାଗି ସେମାନେ ଆଉ କିଛିଦିନ ଦିଲ୍ଲୀରେ ରହିବେ । ଏଥି ପୂର୍ବରୁ ଚଳିତ ସପ୍ତାହରେ ଅକ୍ଷୟ-ଅନନ୍ୟାଙ୍କୁ ପୁରୁଣା ଦିଲ୍ଲୀର ଜାମା ମସଜିଦରେ ସୁଟିଂ କରୁଥିବାର ଦେଖିବାକୁ ମିଳିଥିଲା । ଚାରିଦିନ ପାଇଁ ଦୁହେଁ ତାଙ୍କ ଫିଲ୍ମ ଟିମ୍ ସହ ହରିୟାଣା ଯାଇଛନ୍ତି । ଦିଲ୍ଲୀରେ ଉଭୟଙ୍କର ଦୀର୍ଘ ସୁଟିଂ କାର୍ଯ୍ୟକ୍ରମ ରହିଛି । ଗତକାଲି ପୁରୁଣା ଦିଲ୍ଲୀରେ ଦୁହେଁ ଫିଲ୍ମର ଏକ ଛୋଟିଆ ଅଂଶ ପାଇଁ ସୁଟିଂ କରିଥିଲେ । ଆଜି ସେମାନେ ହରିୟାଣାର ରେୱାଡ଼ି ଜିଲ୍ଲାକୁ ଯାଇଛନ୍ତି । ସେମାନେ ରେୱାଡ଼ି ରେଳ ଷ୍ଟେସନ ଓ ରେୱାଡ଼ି ହେରିଟେଜ ମ୍ୟୁଜିୟମରେ ସୁଟିଂ କରିବେ । ସେଠାରୁ କାମ ସରିଲେ ସେମାନେ ପୁଣି ଦିଲ୍ଲୀ ଫେରି ଜୁନ୍ ୨୨-୨୩ ଯାଏ ରହିବେ । ଦିଲ୍ଲୀର ଲାଲକିଲ୍ଲା, ସୁନ୍ଦର ନର୍ସରି ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉତ୍ତର କ୍ୟାମ୍ପସ ଅଞ୍ଚଳରେ ଥିବା କଲେଜଗୁଡ଼ିକରେ ସେମାନେ ସୁଟିଂ କରିବେ ବୋଲି ତାଙ୍କ ଫିଲ୍ମ ଟିମ୍ ପକ୍ଷରୁ ସୂଚନା ମିଳିଛି ।

ଜିଆ ଖାନ ଆତ୍ମହତ୍ୟା ମାମଲାରେ ଦୋଷମୁକ୍ତ ହେବା ପରେ ବିଗ୍ ବସ୍ ଓଟିଟି-୨ରେ ନଜର ଆସିବେ ସୂରଜ !

ଜିଆ ଖାନ ଆତ୍ମହତ୍ୟା ମାମଲାରେ ନିର୍ଦ୍ଦୋଷରେ ଖଲାସ ହେବା ପରେ ବଲିଉଡ ଅଭିନେତା ସୂରଜ ପାଞ୍ଚୋଲି ଏବେ ନୂଆ ଢଙ୍ଗରେ ଜୀବନ ବଞ୍ଚିବା ଆରମ୍ଭ କରିଛନ୍ତି । ଆତ୍ମହତ୍ୟା ମାମଲାରେ ଜେଲ ଯିବା ପରେ ସୂରଜଙ୍କୁ କାମ ମିଳିବା ବନ୍ଦ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ସେ ଘରେ ବସି ରହିଥିବା ବେଳେ ଏବେ ତାଙ୍କୁ କାମ ମିଳିଛି । କୁହାଯାଉଛି ଯେ, ବିଗ୍ ବସ୍ ଓଟିଟି-୨ରେ ସୂରଜ ପ୍ରତିଯୋଗୀ ଭାବେ ନଜର ଆସିବେ । ସୂରଜଙ୍କୁ ବିଗ୍ ବସ୍ ଓଟିଟି-୨ରେ ପ୍ରତିଯୋଗୀ ଭାବେ ନଜର ଆସିବା ପାଇଁ ଅଫର ମିଳିଥିବା ବେଳେ ସେ ଏହାକୁ ଗ୍ରହଣ କରିବେ କି ନାହିଁ ନିଷ୍ପତ୍ତି ନେଇନାହାନ୍ତି । ଯଦି ସେ ଏହାକୁ ଗ୍ରହଣ କରିବେ, ତେବେ ନିର୍ଦ୍ଦୋଷରେ ଖଲାସ ହେବା ପରେ ଏହା ତାଙ୍କର ପ୍ରଥମ କାମ ହେବ । ଏପ୍ରିଲରେ 'ସିବିଆଇ'ର ସ୍ୱତନ୍ତ୍ର ଅଦାଲତ ଅଭିନେତା ଆଦିତ୍ୟ ପାଞ୍ଚୋଲିଙ୍କ ପୁତ୍ର ସୂରଜ ପାଞ୍ଚୋଲିଙ୍କୁ ଦୋଷମୁକ୍ତ କରିଥିଲେ । କୋର୍ଟର ରାୟ ଆସିବା ପରେ ସୂରଜ ପ୍ରଥମେ ଦବଙ୍ଗ ଷ୍ଟାର ସଲମାନ ଖାନଙ୍କୁ ମେସେଜ କରିଥିବା କହିଥିଲେ । ସେ କହିଥିଲେ, "ସଲମାନ ଖାନ୍ ମୋ ବାପା କିମ୍ବା ମା'ଙ୍କର ବନ୍ଧୁ ନୁହଁନ୍ତି । ଅବଶ୍ୟ ସେମାନେ ପରସ୍ପରକୁ ଜାଣନ୍ତି ଯେହେତୁ ସେମାନେ ସମସ୍ତେ ସମାନ ଇଣ୍ଡଷ୍ଟ୍ରିରେ କାମ କରନ୍ତି । ମୁଁ 'ଏକ୍ ଥା ଟାଇଗର'ରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରିଥିଲି ଏବଂ ସେ ସମୟରେ ସଲମାନ ମୋତେ କହିଥିଲେ ଯେ ସେ ମୋର ପ୍ରଥମ ଚଳଚ୍ଚିତ୍ର ନିର୍ମାଣ କରିବେ । ହେଲେ ମୋର ପ୍ରଥମ ଫିଲ୍ମ 'ହିରୋ' ରିଲିଜ୍ ହେବାର ଦୁଇ ବର୍ଷ ପୂର୍ବରୁ ୨୦୧୩ରେ ମୋ ଉପରେ ଜିଆଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇଥିବାର ଆରୋପ ଲାଗିଥିଲା । ମୋତେ ଗିରଫ ମଧ୍ୟ କରାଯାଇଥିଲା । ତଥାପି ସଲମାନ ଭାଇ ଚଳଚ୍ଚିତ୍ର ନିର୍ମାଣ କରିଥିଲେ ଏବଂ ମୋ ସହ ଠିଆ ହୋଇଥିଲେ । ସେ ମୋ ପାଇଁ ଅନ୍ୟମାନଙ୍କ ଅପେକ୍ଷା ଅଧିକ କରିଛନ୍ତି । ମୁଁ ଦୋଷମୁକ୍ତ ହେବା ମାତ୍ରେ ତାଙ୍କୁ ହିଁ ପ୍ରଥମେ ମେସେଜ କରିଥିଲି । ସେ ମୋତେ ପୂର୍ବରୁ କହିଥିଲେ, 'ସୂରଜ, ଯଦି ତୁମେ ଜାଣିଛ ଯେ ତୁମେ କୌଣସି ଭୁଲ କରିନାହଁ, ତେବେ ତୁମର ଚିନ୍ତା କରିବାର ଆବଶ୍ୟକତା ନାହିଁ ।"



ବିବାହ କଲେ ଫିଲ୍ମ 'ପ୍ୟାର କା ପଞ୍ଚନାମା-୨'ର ଅଭିନେତ୍ରୀ ସୋନାଲି

ବିବାହ କଲେ ଫିଲ୍ମ 'ପ୍ୟାର କା ପଞ୍ଚନାମା'ରେ ଅଭିନୟ କରି ଲୋକପ୍ରିୟ ହୋଇଥିବା ଅଭିନେତ୍ରୀ ସୋନାଲି ସେହଗଲ । ଖବର ଅନୁଯାୟୀ, ସୋନାଲି ତାଙ୍କର ପ୍ରେମିକ ଆଶିଷ ସଜନାନୀଙ୍କୁ ଆଜି ବିବାହ କରିଛନ୍ତି । ଦୁହେଁ ପରସ୍ପରକୁ ୫ବର୍ଷରୁ ଅଧିକ ବର୍ଷ ହେଲାଣି ଡେଟ କରୁଥିଲେ । କିଛି ବର୍ଷ ପ୍ରେମ ସମ୍ପର୍କରେ ରହିବା ପରେ ଦୁହେଁ ଏବେ ବିବାହ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଆଶିଷ ଜଣେ ବ୍ୟବସାୟୀ, ତାଙ୍କର ଅନେକ ହୋଟେଲ ରହିଛି । ଦୁହିଁଙ୍କ ହଲଦୀ ଜୁନ୍ ୫ର ହୋଇଥିବା ବେଳେ ଆଜି ଦୁହିଁଙ୍କର ବିବାହ ହୋଇଛି । କେବଳ ପରିବାର ଓ କିଛି ଘନିଷ୍ଠ ବନ୍ଧୁ ସୋନାଲି ଓ ଆଶିଷଙ୍କ ବିବାହରେ ଯୋଗ ଦେଇଥିବା ଦେଖାଯାଇଛି । ବଲିଉଡ କଳାକାର କାର୍ତ୍ତିକ ଆରୟନ ସୋନାଲିଙ୍କ ବିବାହରେ ସାମିଲ ହୋଇଥିବାର ଫଟୋ ସାମ୍ନାକୁ ଆସିଛି । ବିବାହରେ ସୋନାଲି ଏକ ହାଲୁକା ଗୋଲାପି ରଙ୍ଗର ଶାଢ଼ି ପିନ୍ଧିଥିବା ବେଳେ ତାଙ୍କ ସହ ତାଙ୍କ ପୋଷା କୁକୁର ମଧ୍ୟ ସମାନ ରଙ୍ଗର ପୋଷାକ ପିନ୍ଧିଥିବା ଦେଖାଯାଇଥିଲା । ଦୁହେଁ ଏକା ସାଙ୍ଗରେ ବିବାହ ସ୍ଥଳକୁ ଯାଇଥିଲେ । ଉଲ୍ଲେଖଯୋଗ୍ୟ, ସୋନାଲି ୨୦୧୧ମସିହାରେ 'ପ୍ୟାର କା ପଞ୍ଚନାମା' ସହିତ ବଲିଉଡରେ କ୍ୟାରିୟର ଆରମ୍ଭ କରିଥିଲେ । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ଲଭ୍ ରଂଜନ । ଏହା ପରେ ସୋନାଲିଙ୍କୁ 'ପ୍ୟାର୍ କା ପଞ୍ଚନାମା ୨'ରେ ମଧ୍ୟ ଦେଖିବାକୁ ମିଳିଥିଲା । ଏହି ଅଭିନେତ୍ରୀ 'ଓ୍ୱେଡିଂ ପୁଲାଓ'ରେ ମଧ୍ୟ ଅଭିନୟ କରିଥିଲେ । କିଛି ସମୟ ପୂର୍ବରୁ ସଲମାନ ଖାନଙ୍କ ସହ ଥମ୍ସ ଅପ୍ ବିଜ୍ଞାପନରେ ସୋନାଲିଙ୍କୁ ଦେଖିବାକୁ ମିଳିଥିଲା ।



ରାଜପାଲଙ୍କୁ ମାଡ଼ ମରାଯିବାର ଦୃଶ୍ୟ ଥିବାରୁ ଫିଲ୍ମ ଦେଖିବାକୁ ମନା କରିଦେଇଥିଲେ ମା'

ରାଜପାଲଙ୍କୁ ମାଡ଼ ମରାଯିବାର ଦୃଶ୍ୟ ଥିବାରୁ ଫିଲ୍ମ ଦେଖିବାକୁ ମନା କରିଦେଇଥିଲେ ମା' । ଏକ ସାକ୍ଷାତକାରେ ଏଭଳି ଖୁଲାସା କରିଛନ୍ତି ବଲିଉଡ ଅଭିନେତା ରାଜପାଲ ଯାଦବ । ନିକଟରେ ଅଭିନେତା ରାଜପାଲ ଯାଦବ ତାଙ୍କ ଫିଲ୍ମ 'ହଙ୍ଗାମା' ସହ ଜଡିତ ଏକ ଘଟଣା ସେୟାର କରିଛନ୍ତି । ସେ କହିଛନ୍ତି ଯେ ଯେତେବେଳେ ତାଙ୍କ ମା' ପ୍ରଥମ ଥର ପାଇଁ ୨୦୦୩ରେ ମୁକ୍ତିଲାଭ କରିଥିବା ତାଙ୍କ ଫିଲ୍ମ 'ହଙ୍ଗାମା' ଦେଖିଥିଲେ, ସେତେବେଳେ ସେ ଏହାକୁ ଦେଖିବାକୁ ମନା କରିଦେଇଥିଲେ । କାରଣ ସେହି ଚଳଚ୍ଚିତ୍ରରେ ରାଜପାଲ ଯାଦବଙ୍କୁ ଚାପୁଡ଼ା ମାରିବା ଏବଂ ପିଟିବାର ଅନେକ ଦୃଶ୍ୟ ରହିଥିଲା । ସେ ଆହୁରି କହିଛନ୍ତି, ଯାତ୍ରା କରିପାରୁ ନଥିବାରୁ ମୁଁ ମୋ ମା'ଙ୍କୁ ମୁମ୍ବାଇକୁ କେବେ ଆଣି ପାରିଲି ନାହିଁ । ଯେଉଁଥିପାଇଁ ସେ ଘରେ ମୋ ଫିଲ୍ମ ଦେଖନ୍ତି । ଯେତେବେଳେ ସେ 'ହଙ୍ଗାମା' ଫିଲ୍ମ ଦେଖିଲେ, ସେତେବେଳେ ସେ ମୋତେ ପ୍ରଥମେ କହିଥିଲେ ଯେ, ତୋତେ ଲୋକେ କେତେ ପିଟୁଛନ୍ତି । ଏହା ପରେ ମୋ ମା' ସେ ଫିଲ୍ମ ଦେଖିନଥିଲେ । ମୁଁ ତାଙ୍କୁ ବୁଝାଇଥିଲି ଯେ, ଫିଲ୍ମରେ ଦେଖାଯାଉଥିବା ମାରପିଟ ଦୃଶ୍ୟ ଅସଲି ନୁହେଁ । ତଥାପି ସେ ଫିଲ୍ମ ଦେଖିବାକୁ ମନା କରିଦେଇଥିଲେ । ଫିଲ୍ମ 'ହଙ୍ଗାମା'ରେ ରାଜପାଲ ଯାଦବଙ୍କ ବ୍ୟତୀତ ଅକ୍ଷୟ ଖାନ୍ନା, ଅଫତବ ଶିବଦସାନି, ରିମି ସେନ୍ ଏବଂ ପରେଶ ରାୱଲଙ୍କ ଭଳି କଳାକାର ଥିଲେ । ରାଜପାଲ ଏଥିରେ 'ରାଜା' ନାମକ ଏକ ମଜାଳିଆ ଚରିତ୍ରରେ ଅଭିନୟ କରିଥିଲେ । ରାଜପାଲ ଯାଦବ ତାଙ୍କ ସାକ୍ଷାତକାରରେ କହିଛନ୍ତି ଯେ ଫିଲ୍ମ 'ହଙ୍ଗାମା' ତାଙ୍କ ଜୀବନକୁ ବଦଳାଇ ଦେଇଥିଲା । ଏହି ଚଳଚ୍ଚିତ୍ର ପରେ ସେ ଭଲ ଟଙ୍କା, ସ୍ୱୀକୃତି ଏବଂ ସମ୍ମାନ ପାଇବା ଆରମ୍ଭ କଲେ ।

ପ୍ରଥମେ ସରକାରଙ୍କୁ ଅନୁରୋଧ କରିଥିଲେ ଏବେ ନିଜେ ସାହାଯ୍ୟ ପାଇଁ ଅଣ୍ଟା ଭିଡ଼ିଲେ ସୋନୁ, ଶିକ୍ଷା ସହ ଦେବେ ରୋଜଗାର: ଜାରି କଲେ ହେଲ୍ପଲାଇନ ନମ୍ବର

ପ୍ରଥମେ ସରକାରଙ୍କୁ ଅନୁରୋଧ କରିଥିଲେ ଏବେ ନିଜେ ସାହାଯ୍ୟ ପାଇଁ ଅଣ୍ଟା ଭିଡ଼ିଲେ ବଲିଉଡ ଅଭିନେତା ସୋନୁ ସୁଦ । କରୋନା ମହାମାରୀ ସମୟରେ ଗରିବଙ୍କ ପାଇଁ ଭଗବାନ ପାଲଟିଥିବ ?। ସୋନୁ ଏବେ ବାହାନଗା ଟ୍ରେନ ଦୁର୍ଘଟଣାର ପୀଡ଼ିତଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି । ପୀଡ଼ିତଙ୍କ ପିଲାମାନଙ୍କୁ ଶିକ୍ଷା ସହାୟତା ଯୋଗାଇବା ସହ ରୋଜଗାର ଦେବେ ବୋଲି ସୋନୁ ପ୍ରତିଶ୍ରୁତି ଦେଇଛନ୍ତି । ଏନେଇ ସେ ଏକ ହେଲ୍ପଲାଇନ ନମ୍ବର ଜାରି କରିଛନ୍ତି, ଯାହାଦ୍ୱାରା ଲୋକେ ତାଙ୍କୁ ମେସେଜ କରି ଯୋଗାଯୋଗ କରିପାରିବେ । ଇନଷ୍ଟାରେ ସେୟାର କରିଥିବା ନିଜ ଭିଡିଓରେ ସୋନୁ କହିଛନ୍ତି, ଗତ କିଛି ଦିନ ହେଲାଣି ଆମେ ଓଡ଼ିଶା ଟ୍ରେନ ଦୁର୍ଘଟଣାରେ ମୃତାହତ ହୋଇଥିବା ଲୋକଙ୍କ ଠିକଣା ଖୋଜିବାକୁ ଚେଷ୍ଟା କରୁଛୁ । ଏହି ଦୁର୍ଘଟଣା ପରେ ସେମାନେ ନିଜ ଜୀବନ କେମିତି ବଞ୍ଚୁଛନ୍ତି ତାହା ଜାଣିବାକୁ ଚେଷ୍ଟା କରୁଛୁ । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ଏକ ହେଲ୍ପଲାଇନ ନମ୍ବର ଜାରି କରିଛି । ଏହି ନମ୍ବର(+୯୧ ୯୯୬୭୫୬୭୫୨୦) ଜରିଆରେ ପୀଡ଼ିତ ଲୋକ ନହେଲେ ପୀଡ଼ିତଙ୍କୁ ଜାଣିଥିବା ଲୋକ ଆମ ସହ ଯୋଗାଯୋଗ କରିପାରିବେ । ଏହି ନମ୍ବରରେ କେବଳ ମେସେଜ କରିବାକୁ ଅନୁରୋଧ । ଆମେ ପୀଡ଼ିତଙ୍କ ସମସ୍ୟା ଜାଣିବା ପରେ ସେମାନଙ୍କୁ ରୋଜଗାର ଦେବୁ ଓ ପିଲାମାନେ ପାଠ ନଡ଼ିପାରୁଥିଲେ ଆମେ ସେଥିରେ ସାହାଯ୍ୟ କରିବୁ ।



ମନ୍ଦିର ପରିସରରେ କ୍ରିତିଙ୍କୁ ଚୁମ୍ବନ ଦେଇ ବିବାଦରେ ନିର୍ଦ୍ଦେଶକ ଓମ୍ ରାଉତ

ଆଦିପୁରୁଷର ଟିଜର ରିଲିଜ୍ ପରଠାରୁ ବିଭିନ୍ନ କାରଣ ପାଇଁ ବିବାଦରେ ରହି ଆସିଛି ଏହି ଫିଲ୍ମ । ପୂର୍ବରୁ ଫିଲ୍ମରେ ଥିବା କଳାକାରଙ୍କ ଲୁକକୁ ନେଇ ବିବାଦ ହୋଇଥିବା ବେଳେ ଏବେ ନିର୍ଦ୍ଦେଶକ ଓମ୍ ରାଉତଙ୍କ ଏକ ଭିଡିଓକୁ ନେଇ ବିବାଦ ଆରମ୍ଭ ହୋଇଛି । ମନ୍ଦିରରେ ଅଭିନେତ୍ରୀଙ୍କ କ୍ରିତି ସାନୋନଙ୍କୁ ଚୁମ୍ବନ ଦେଇ ଓମ୍ ବିବାଦୀୟ ହୋଇପଡ଼ିଛନ୍ତି । ସୂଚନା ମୁତାବକ, ତିରୁପତିରେ ଗତକାଲି ଆଦିପୁରୁଷର ରିଲିଜ୍ ପୂର୍ବ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା । ଇଭେଣ୍ଟ ପୂର୍ବରୁ ଫିଲ୍ମର ପୂରା ଟିମ୍ ତିରୁମାଳାସ୍ଥିତ ଭେଙ୍କେଟେଶ୍ୱର ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ । ଏହି ସମୟରେ ମନ୍ଦିର ପରିସରରେ ଓମ୍ ରାଉତ୍ କ୍ରିତିଙ୍କ ଗାଲକୁ ଚୁମ୍ବନ ଦେଇ ତାଙ୍କୁ ଆଲିଙ୍ଗନ କରିଥିଲେ । ସେ ଏଭଳି କରୁଥିବାର ଭିଡିଓ ଭାଇରାଲ ହେବା ପରେ ଏବେ ଲୋକେ ଏହାକୁ ପସନ୍ଦ କରୁନଥିବା ଦେଖାଯାଇଛି । ମନ୍ଦିର ଭିତରେ ଏଭଳି ଚୁମ୍ବନ ଦେବାକୁ ଲୋକେ ପସନ୍ଦ କରୁନାହାନ୍ତି । ଅନ୍ଧ୍ରପ୍ରଦେଶର ବିଜେପି ରାଜ୍ୟ ସଂପାଦକ ରମେଶ ନାଇଡୁ ଏହାକୁ ନିନ୍ଦା କରିଛନ୍ତି । ପବିତ୍ର ସ୍ଥାନରେ ଏଭଳି କରିବା କ'ଣ ଜରୁରୀ ଥିଲା ? ତିରୁମାଳାରେ ଭଗବାନ ଭେଙ୍କେଟେଶ୍ୱର ସ୍ୱାମୀ ମନ୍ଦିର ଆଗରେ ଏଭଳି କାମ କରିବା ଗ୍ରହଣୀୟ ନୁହେଁ । ଏହାକୁ ସହ୍ୟ କରାଯିବ ନାହିଁ । ଜୁନ ୧୬ରେ ଫିଲ୍ମ ରିଲିଜ୍ ହେବାକୁ ଥିବା ବେଳେ ଏହା ପୂର୍ବରୁ ଏଭଳି ବିବାଦ ହେବା ନିର୍ମାତାଙ୍କ ଚିନ୍ତା ବଢ଼ାଇଛି ।

ପିଆଜ ଅମଳ ନିରାଶାଜନକ: ଭିତ୍ତିଭୂମି ଅଛି, ପ୍ରୋତ୍ସାହନ ନାହିଁ

ସୁବର୍ଣ୍ଣପୁର, ୦୮/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ପିଆଜ ଚାଷ ନିରୁତ୍ସାହଜନକ। ପ୍ରୋତ୍ସାହନ ଅଭାବ ସହ ସଂରକ୍ଷଣର ସୁବିଧା ନ ଥିବାରୁ ଚାଷୀ ପିଆଜ ଚାଷଠାରୁ ଦୂରେଇ ଯାଉଥିବା ଜଣାପଡ଼ିଛି। ଫଳରେ ଚାହିଦା ମେଣ୍ଟାଇବା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଜିଲ୍ଲାରେ ଚାଷ ହେଉଥିବା ପିଆଜ ଲୋକଙ୍କ ୭୦% ଚାହିଦା ମେଣ୍ଟାଉଥିବା ବେଳେ ଅବଶିଷ୍ଟ ୩୦% ବାହାରୁ ଆମଦାନୀ ହେଉଥିବା କୃଷି ବିଭାଗ ପକ୍ଷରୁ କୁହାଯାଉଛି। ବାସ୍ତବ ଚିତ୍ର କିନ୍ତୁ ଓଲଟା। ମିଳିଥିବା ସୂଚନା ଅନୁଯାୟୀ, ୨୦୧୯-୨୦୨୦ ବର୍ଷ ୭୨୮ ଜଣ ଚାଷୀ ୯୦୭.୧୨ ହେକ୍ଟର ଜମିରେ ପିଆଜ ଚାଷ କରି ୮,୨୪୫ ଟନ୍ ପିଆଜ ଉତ୍ପାଦନ କରିଥିଲେ। ୨୦୨୦-୨୦୨୧ ବର୍ଷ ୭୫୪ ଜଣ ଚାଷୀ ୯୯୩.୫ ହେକ୍ଟର ଜମିରେ ପିଆଜ ଚାଷ କରି ୧୨, ୫୩୮ ଟନ୍ ପିଆଜ ଉତ୍ପାଦନ କରିଥିଲେ। ସେହିପରି ୨୦୨୧-୨୨ ବର୍ଷ ୯୩୮ ଜଣ ଚାଷୀ ୧୦୯୩.୩୧ ହେକ୍ଟର ଜମିରେ ପିଆଜ ଚାଷ କରି ୧୪,୧୪୦ ଟନ୍ ପିଆଜ ଉତ୍ପାଦନ କରିଥିଲେ। ଏହି ତିନି ବର୍ଷ ପିଆଜ ଚାଷୀଙ୍କ ସଂଖ୍ୟା ବଢ଼ିବା ସହ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଥିଲା। ତେବେ ୨୦୨୨-୨୩ ବର୍ଷ ଜିଲ୍ଲାରେ ପିଆଜ ଚାଷୀଙ୍କ ସଂଖ୍ୟା ବଢ଼ିଥିବା ବେଳେ ଚାଷ କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ କମିଛି। ଏହି ବର୍ଷ ଜିଲ୍ଲାରେ ରେକର୍ଡ ୨,୧୪୭ ଜଣ ଚାଷୀ ପିଆଜ ଚାଷ କରିଥିଲେ। ତେବେ ଚାଷ ହୋଇଥିବା ଜମିର ପରିମାଣ ମାତ୍ର ୨୬୦ ହେକ୍ଟର ଏବଂ ଅମଳର ପରିମାଣ ମଧ୍ୟ ମାତ୍ର ୨,୫୦୦ ଟନ୍। ଏହି ବର୍ଷ ପିଆଜ ଚାଷ ନିରାଶାଜନକ ହୋଇଥିବାରୁ ଜିଲ୍ଲାବାସୀ ପିଆଜ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବା ଆପାତତଃ ସ୍ପଷ୍ଟ ବାରି ହେଉଛି। ପିଆଜ ଅମଳ ପଛରେ ଆବଶ୍ୟକ ପରିମାଣର ମଞ୍ଜି ଯୋଗାଣ ହୋଇନପାରିବା କାରଣ ବୋଲି କୃଷି ବିଭାଗ ପକ୍ଷରୁ ଦର୍ଶାଯାଉଛି। ପିଆଜ ସଂରକ୍ଷଣ ତଥା ସରକାରୀ ସ୍ତରରେ ବିକ୍ରିର ସୁବିଧା ନ ଥିବାରୁ ଚାଷୀ ପିଆଜ ଚାଷରୁ ମୁହଁ ଫେରାଉଥିବା ଅଭିଯୋଗ ହେଉଛି। ଏପରିକି ଜିଲ୍ଲାର ଚାଷୀ ବିଭିନ୍ନ ସମୟରେ କମ୍ ମୂଲ୍ୟରେ ମଧ୍ୟ ପିଆଜ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପିଆଜ ଚାଷ ପାଇଁ ପ୍ରୋତ୍ସାହନ ମିଳିଲେ ଚାଷୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ମତପ୍ରକାଶ ପାଉଛି। ଏଣୁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

ଓମ୍ ଶାନ୍ତି ଯୋଗପୀଠର ତ୍ରୟୋମାସିକ ସଭା

ବଲାଙ୍ଗିର, ୦୮/୦୬ (ନି.ପ୍ର): ସ୍ଥାନୀୟ ରାଜେନ୍ଦ୍ର ପାର୍କଠାରେ ଓମ୍ ଶାନ୍ତି ଯୋଗପୀଠର ତ୍ରୟୋମାସିକ ସଭା ସଭାପତି ନାରାୟଣ ପାଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଂପାଦକ ଚୁଡେନ୍ଦ୍ର କୁମାର ବେହେରା ପୂର୍ବ ସଭାର ବିଷୟବସ୍ତୁ କୁ ଅନୁମୋଦନ କଲା ପରେ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ । ଏଥିରେ ମୁଖ୍ୟତଃ ସଭ୍ୟମାନେ ନିୟମିତ ଯୋଗ କେନ୍ଦ୍ରରେ ଯୋଗଦାନ, ନୂତନ ସଭ୍ୟ ସଂଗ୍ରହ, ବାର୍ଷିକ ସଭ୍ୟ ଚାନ୍ଦା, ଆଗାମୀ ଦିନ ରେ ଯୋଗ କେନ୍ଦ୍ର ତରଫରୁ ହେବାକୁ ଥିବା ବାର୍ଷିକ ଉତ୍ସବ ପାଳନ, ବାର୍ଷିକ ବଣଭୋଜି, ବାର୍ଷିକ ଅଡିଟ, ଗୁରୁ ପୂର୍ଣ୍ଣିମା, ଜଳସାଇ ଇତ୍ୟାଦି ପାଳନ ଉପରେ ସମସ୍ତ ସଭ୍ୟଙ୍କ ମତାମତ ନେଇଥିଲେ । ଟ୍ରେଜେରର୍ ସତ୍ୟନାରାୟଣ ନାଏକ ତାଙ୍କ ବାର୍ଷିକ ଆୟବ୍ୟୟ ଉପସ୍ଥାପପନ କରିଥିଲେ । ଏହି ସଭାରେ ସତ୍ୟାନନ୍ଦ ସାହୁଙ୍କୁ ନୂତନ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା । ସଭାରେ ସର୍ବଶ୍ରୀ ତ୍ରିଲୋଚନ ଦାଶ, ବିନୟ କୁମାର ମିଶ୍ର, ଦାମୋଦର ଓଡା, ଜଗଦିଶ ପ୍ରସାଦ ଅଗ୍ରୱାଲ, ସୁରଥ ବେହେରା, ପ୍ରମୋଦ ଗୁରୁ, ସୁରେନ୍ଦ୍ର ନେଗୀ, ଶିବ ନାରାୟଣ ମାହାଣା, ମନୋରଂଜନ ମିଶ୍ର, ଉପସ୍ଥିତ ରହି ସମସ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆଖୁଆ ନାଳର ପୁନଃରୁଦ୍ଧାର ଓ ସେତୁ ନିର୍ମାଣର ଭୂମି ପୂଜନ ଉତ୍ସବ

ଧର୍ମଶାଳା, ୦୮/୦୬ (ନି.ପ୍ର): ଆଖୁଆ ନାଳର ପୁନଃରୁଦ୍ଧାର ଓ ସେତୁ ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡହି ପଂଚାୟତସ୍ଥ ଜୟସୁଙ୍ଗୁଡାସ୍ଥିତ ସପ୍ନେଶ୍ୱର ମନ୍ଦିର ପରିସରରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ବରୀ ନିର୍ବାଚନ ମଣ୍ଡଳୀର ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ଓଡିଶା ସରକାର ଜଳ ସମ୍ପଦ ବିଭାଗ , ଯାଜପୁର ଜଳ ନିକାଶ ଖଣ୍ଡ ପକ୍ଷରୁ ବ୍ରହ୍ମଣୀ ନଦୀରୁ ବାହାରି ବିରୂପା ନଦୀରେ ମିଶିଥିବା ଏହି ନାଳର ପୁନଃରୁଦ୍ଧାର ପାଇଁ ୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି କାର୍ଯ୍ୟ ଚଳିତ ମାସରୁ ଆରମ୍ଭ ହୋଇ ଏହା ମେ ମାସ ୨୦୨୪ରେ କାର୍ଯ୍ୟ ଶେଷ ହେବ । ଏହି ସେତୁ ନିର୍ମାଣ ପରେ ଧର୍ମଶାଳା,ବରୀ ଓ ବଡଚଣା ନିର୍ବାଚନ ମଣ୍ଡଳୀର ହଜାର ହଜାର ଚାଷୀ ଉପକୃତ ହୋଇପାରିବେ , ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ ଓ ଆଗାମୀ ଦିନରେ ୧୧ କିମି ପର୍ଯ୍ୟନ୍ତ ଯାଇଥିବା ଏହି ନାଳ ଉପରେ ଆଉ ୩ଟି ସେତୁ ନିର୍ମାଣ କରାଯିବ ବୋଲି ବିଧାୟିକା ଶ୍ରୀମତି ଦାସ ସୂଚନା ଦେଇଥିଲେ । ଏବଂ ଏହି କାର୍ଯ୍ୟ ପାଇଁ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଶ୍ରେୟ ଦେଇଛନ୍ତି । କାର୍ଯ୍ୟକ୍ରମରେ ବନ୍ଧଡିହ ସରଂପଚ ବିକ୍ରମ କୁମାର ବେହେରା, ,ଯୁବନେତା ରାକେଶ ଦେଓ,ଗୋଳକୁଣ୍ଡ ପଂଚାୟତର ଯୁବନେତା ସହଦେବ ବେହେରା,ବିକ୍ରମ ନାୟକ,ବୁଲୁ ସାମଲ,ପ୍ରମୋଦ କୁମାର ସାହୁ,ସୁରେଶ ସାହୁ,ଅଶୋକ ଜେନା,ପ୍ରଦିପ ଜେନା,ତ୍ରିଲୋଚନ ରାଉତ,ସରୋଜ ସାହାଣୀ,ଭରତ ରାଉତ,ଉପେନ୍ଦ୍ର ବେହେରା,ଦ୍ରୁବ ଜେନା,ଜଗବନ୍ଧୁ ସାହାଣୀ,ସଦାନନ୍ଦ ସାହାଣୀ, ବରିଷ୍ଠ କର୍ମୀଙ୍କ ସମେତ ଯାଜପୁର ଜଳ ନିକାଶ ଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଶମ୍ଭୁ ପ୍ରକାଶ ମଲ୍ଲିକ ଓ କନିଷ୍ଠ ଯନ୍ତ୍ରୀ ରଂଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ,ଏହି ଆଖୁଆ ନାଳର ପୁନଃରୁଦ୍ଧାର ନିମନ୍ତେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନିକଟରେ ସ୍ଥାନୀୟ ଚାଷୀ ଦାବି କରିଥିଲେ । ତେବେ ଏହି ସେତୁ ହେବା ଫଳରେ ଅଂଚଳବାସୀ ବେଶ ଖୁସି ଅଛନ୍ତି । ଚାଷୀଙ୍କ ସମେତ ବିଦ୍ୟାଳୟକୁ ଯାତାୟତ କରୁଥିବା ଛାତ୍ରଛାତ୍ରୀମାନେ ବେଶ ଉପକୃତ ହୋଇପାରିବେ ।

ସ୍କୁଲ ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ୩ ରାଜିନାମା

ଭୁବନେଶ୍ୱର , ୦୮/୦୬ (ନି.ପ୍ର): ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବା ନିମନ୍ତେ ଆକାଂକ୍ଷୀ କାର୍ଯ୍ୟକ୍ରମ ମାଧ୍ୟମରେ ହାଉସ୍ ସିଷ୍ଟମ୍ ଏବଂ ସ୍କୁଲ କ୍ଲବ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାକୁ ଆଉ ପାଦେ ଆଗକୁ ନେବା ଲାଗି ଆଜି ଦୁଇଟି ଜାତୀୟସ୍ତରୀୟ ସଂସ୍ଥା ସହ ରାଜିନାମା ସ୍ୱାକ୍ଷରିତ ହୋଇଛି । ରୂପାନ୍ତରିତ ବିଦ୍ୟାଳୟରେ ଅସ୍ପିରେସନାଲ୍ କରିକୁଲମ୍ ଆରମ୍ଭ କରିବାକୁ 'ମୋ ସ୍କୁଲ ଅଭିଯାନ' ଓ 'ମ୍ୟାଜିକ୍ ବସ୍ ଫାଉଣ୍ଡେସନ୍' ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ପିଲାଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ । ସେମାନଙ୍କ ଦକ୍ଷତା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ପାଠପଢ଼ା ସହ ସେମାନେ ଖେଳକୁଦରେ ନିଜକୁ ଦକ୍ଷ ଭାବରେ ଗଢ଼ି ତୋଳିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି । ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଗଣିତ ଶିକ୍ଷାକୁ ଅଧିକ ସହଜ କରିବାକୁ 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ' ଓ 'ଖାନ୍ ଏକାଡେମି' ମଧ୍ୟରେ ଏକ ରାଜିନାମା ହୋଇଛି । ଏହାମାଧ୍ୟମରେ ଓଡ଼ିଶାର ୩୧୫ଟି ଆଦର୍ଶ ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ 'ଖାନ୍ ଏକାଡେମି' ଉପାଦେୟ ଶିକ୍ଷଣ ଉପକରଣ ଯୋଗାଇଦେବ । ଏଥିସହ ଗଣିତ ଶିକ୍ଷକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ପ୍ରଦାନ କରିବ । ଶିକ୍ଷାକ୍ଷେତ୍ରରେ ଗ୍ରହଣ କରିଥିବା ଏକାଧିକ ବିକାଶମୂଳକ ପଦକ୍ଷେପକୁ ସଫଳ କରିବାରେ ଏହି ଦୁଇଟି ରାଜିନାମା ବିଶେଷ ଭାବରେ ସହାୟକ ହେବ ବୋଲି ବିଭାଗୀୟ ଶାସନ ସଚିବ ଅଶ୍ୱଥୀ ଏସ୍ କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମହାପାତ୍ର, 'ମୋ ସ୍କୁଲ' କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ମ୍ୟାଜିକ୍‌ବସ୍ ଫାଉଣ୍ଡେସନ୍‌ର ଅଜୟ ରାସ୍ତୋଗୀ, 'ଖାନ୍ ଏକାଡେମି' ପ୍ରତିନିଧି ଶୁଭ୍ରା ମିତଲ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗତ ୫ ତାରିଖରେ ସିଙ୍ଗାପୁରଠାରେ ପ୍ରବାସୀ ଓଡ଼ିଶା ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଆଇଟିଇ ଏଜୁକେସନ୍ ସର୍ଭିସେସ୍, ସିଙ୍ଗାପୁର ମଧ୍ୟରେ ବୈଷୟିକ, ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ସହଯୋଗିତା ନିମନ୍ତେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକମାନଙ୍କ ମଧ୍ୟରେ ଭାବବିନିମୟ ହୋଇପାରିବ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ହେବ। ଉକ୍ତ କାର୍ଯ୍ୟକ୍ରମରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାହା, ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ମହାପାତ୍ର ଏବଂ ଆଇଟିଇ ଏଜୁକେସନ୍ ସର୍ଭିସେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରୁସ୍ ପୋ ଜିଓକ୍ ହୁଆଟ୍ ଓ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଲିମ୍ ବୁନ୍ ଡିଓଙ୍ଗ୍ ଉପସ୍ଥିତ ଥିଲେ।

ବାହାନଗା ରେଳ ଦୁର୍ଘଟଣା: ୧୨ଟି ବିରୋଧୀ ଦଳ ତରଫରୁ ବିକ୍ଷୋଭ

ଭୁବନେଶ୍ୱର , ୦୮/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣା ପରେ ରେଳ ଯାତ୍ରାକୁ ଅଧିକ ସୁରକ୍ଷିତ କରିବା ସହ ମୃତକ ଓ ଆହତମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ଦାବିରେ ୧୨ଟି ବିରୋଧୀ ରାଜନେ?ତିକ ଦଳ ପକ୍ଷରୁ ବୁଧବାର ପୂର୍ବାହ୍ନରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ୧୫ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ(ଏମ), ସିପିଆଇ-ଏମଏଲ (ଲିବେରେସନ), ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ, ଆମ ଆଦମୀ ପାର୍ଟି, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ସମତାକ୍ରାନ୍ତି ଦଳ, ଆରପିଆଇ, ସିପିଆଇ-ଏମଏଲ (ରେଡ ଷ୍ଟାର) ପ୍ରମୁଖ ୧୨ଟି ରାଜନୈତିକ ଦଳର ନେତୃବୃନ୍ଦ ସାମିଲ ହୋଇଥିଲେ। ଆନ୍ଦୋଳନରେ ନିରଞ୍ଜନ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ଜନାର୍ଦ୍ଦନ ପତି, ଲକ୍ଷ୍ମଣ ମୁଣ୍ଡା, ଆଶିଷ କାନୁନଗୋ, ଜୟନ୍ତ ଦାସ, ଯୁଧିଷ୍ଠିର ମହାପାତ୍ର, ମହେନ୍ଦ୍ର ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର, ନିଶିକାନ୍ତ ମହାପାତ୍ର, ରବି ବେହେରା, ସୁଦର୍ଶନ ପ୍ରଧାନ, ହରୀଶ ମହାପାତ୍ର, ହେମନ୍ତ କୁମାର, ବିକ୍ରମ ସ୍ୱାଇଁ, ଅମୀୟ ପାଣ୍ଡବ, ବିଶ୍ୱଜିତ ଦାସ, ପ୍ରଭାତ ପାଣିଗ୍ରାହୀ ଓ ସୁରେଶ ରାଉତରାୟ ପ୍ରମୁଖ ନେତୃବୃନ୍ଦ ଅଂଶ ଗ୍ରହଣ କରିଥିଲେ। ବିରୋଧୀ ଦଳମାନଙ୍କ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) ଦ୍ୱାରା ବାହାନଗା ରେଳ ଦୁର୍ଘଟଣାର ତଦନ୍ତ, କେନ୍ଦ୍ର ସରକାରଙ୍କ ହାତବାରିସି ସାଜି ଲୋକଙ୍କର ବିଶ୍ୱାସ ହରାଇଥିବା ସିବିଆଇ ତଦନ୍ତକୁ ପ୍ରତ୍ୟାହାର କରିବା, ରେଳ ଦୁର୍ଘଟଣାର ନିରପେକ୍ଷ ତଦନ୍ତ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ପ୍ରସଙ୍ଗ ରହିଛି। ସେହିଭଳି ସମସ୍ତ ମୃତକମାନଙ୍କର ନାମ ତାଲିକା ଫଟୋ ସହିତ ସାର୍ବଜନୀନ ଭାବେ ସବୁ ଭାଷାରେ ଦୈନିକ ଖବର କାଗଜରେ ପ୍ରକାଶ କରିବା ଏବଂ ମୃତକଙ୍କୁ ଚିହ୍ନଟ ପ୍ରକ୍ରିୟା ସରଳୀକରଣ, ପ୍ରତ୍ୟେକ ମୃତକ ପରିବାରକୁ ତତ୍‌କ୍ଷଣାତ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ, ସମସ୍ତ ଆହତ ମାନଙ୍କୁ ଉନ୍ନତ ଏବଂ ଅତ୍ୟାଧୁନିକ ମାଗଣା ଚିକିତ୍ସା ପ୍ରଦାନ କରିବା ସହିତ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ବଞ୍ଚିବା ପାଇଁ ଆର୍ଥିକ ସହାୟତା ପ୍ରଦାନ ଦାବି ରହିଛି। ସେହିଭଳି ପ୍ରତ୍ୟେକ ମୃତକ ପରିବାର ଏବଂ ଗୁରୁତର ଆହତ ହୋଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିବା ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି, ରେଳ ବିଭାଗରେ ଖାଲି ପଡ଼ିଥିବା ୩ଲକ୍ଷ ୧୨ହଜାର ପଦବି ଅବିଳମ୍ବେ ପୂରଣ କରିବା, ରେଳ ବ୍ୟବସ୍ଥାର ସାମଗ୍ରିକ ଭିତ୍ତିଭୂମିର ବିକାଶ, ରେଳ ଧାରଣାର ରକ୍ଷଣାବେକ୍ଷଣ, ଆସନ୍ନ ଦୁର୍ଘଟଣା ରୋକିବା ପାଇଁ ଅତ୍ୟାଧୁନିକ କାରିଗରୀ କୌଶଳ 'କବଚ' ବ୍ୟବହାର କରିବା, ଘରୋଇକରଣ ପ୍ରକ୍ରିୟା ବନ୍ଦ କରିବା ଆଦି ଦାବି କରାଯାଇଥିଲା।

ବିନା ଅନୁମତିରେ ରାସ୍ତା ଖୋଳି ପାଇପ ଲାଇନ ନେଲେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ

ଜୟପୁର, ୦୮/୦୬ (ନି.ପ୍ର): ପୌରପାଳିକାର ବିଭିନ୍ନ ସାହିରେ ନିର୍ମାଣ କରାଯାଇଥିବା ରାସ୍ତା ଖୋଳି ପାଇପ ଲାଇନ ଘରକୁ ବିନା ଅନୁମତିରେ ନିଆଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରି ଚେତାବନୀ ଦେଇଛନ୍ତି ପୌର ପାଳିକା କାର୍ଯ୍ୟ ନିର୍ବାହି ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ । ସହରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଗୁଡିକୁ ମନଇଚ୍ଛା ଖୋଳିବା ଦ୍ୱାରା ରାସ୍ତା ଗୁଡିକ ଖରାପ ହେଉଛି । ଏହା ଦ୍ୱାରା ସରକାରୀ ଅର୍ଥ ନଷ୍ଟ ହେବା ସହ ଯେଉଁ ଉଦ୍ଦେଶ୍ୟ ରେ ନିର୍ମାଣ କରାଯାଇଥିଲା ତାହା ଫଳପ୍ରଦ ହୋଇପାରୁ ନାହିଁ । ପୁଣି ଥରେ ପୌର ପାଳିକା ପକ୍ଷରୁ ଅଯଥାରେ ପୁଣି ରାସ୍ତା ସଜାଡ଼ିବା ପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ଏହି ଟଙ୍କା ଅନ୍ୟ ପ୍ରକଳ୍ପ ରେ ଲାଗି ପାରିଥାନ୍ତା ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟ ନିର୍ବାହି ଅଧିକାରୀ । ଯେଉଁ ଘରକୁ ପାଣି ସଂଯୋଗ ନେବା ଉଦ୍ଦେଶ୍ୟ ରହିଥିଲେ ପୌର ପାଳିକା ନିକଟରେ ଅନୁମତି ନେବା ବାଧ୍ୟତାମୂଳକ ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟ ନିର୍ବାହି ଅଧିକାରୀ । ମନ ଇଚ୍ଛା ରାସ୍ତା ଖୋଳି ଛାଡ଼ି ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଜୋରିମାନା ଆଦାୟ କରାଯିବ ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟ ନିର୍ବାହି ଅଧିକାରୀ । ଏ ନେଇ ପୌରପାଳିକା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

ଯୁବକକୁ ମରଣାନ୍ତକ ଆକ୍ରମଣ ମାମଲାରେ ଜଣେ ଗିରଫ

ଜୟପୁର, ୦୮/୦୬ (ନି.ପ୍ର): ଯୁବକକୁ ମରଣାନ୍ତକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ଦାଶରି ସାହିର ଜେ .ଆକାଶ । ପୋଲିସ ସୂଚନା ଅନୁଯାୟୀ ଏମ ଅଶୋକ ନାମକ ଜଣେ ଯୁବକ ଗତ ୨୩ ତାରିଖରେ ଗାନ୍ଧୀ ଛକ ନିକଟରେ ଥିବା ଏକ ଗ୍ୟାରେଜରେ ଗାଡି ମରାମତି କରୁଥିବା ସମୟରେ କେତେ ଜଣ ଦୃବୁର୍ତ ଆସି ଲୁହା ରଡରେ ଆକ୍ରମଣ କରିଥିଲେ । ଏଥିରେ ଅଶୋକ ରକ୍ତାକ୍ତ ହୋଇ ପଡି ଯାଇଥିଲେ । ତାଙ୍କ ଚିତ୍କାର ଶୁଣି ଲୋକେ ଜମା ହୋବା ପରେ ଘଟଣା ସ୍ଥଳରୁ ଦୃବୁର୍ତ ମାନେ ଚମ୍ପଟ ମାରିଥିଲେ । ଜୟପୁର ଟାଉନ ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ ଗୁରୁତର ଅବସ୍ଥାରେ ଅଶୋକକୁ

ଏନକାଉଣ୍ଟର ବନାମ ସନ୍ତ୍ରାସବାଦ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଅପରାଧର ଅପରାଧ ଜଗତର ଏକ ଚତୁର ଉପସ୍ଥାପନା ଏକ ଏନକାଉଣ୍ଟର ପୂର୍ବରୁ ଓ ପରେ ଏକ ପରିବେଶ ସୃଷ୍ଟି କରେ ଯେପରି ତାଙ୍କୁ ଏନକାଉଣ୍ଟରରେ ହତ୍ୟା କରିବା ଯଥାର୍ଥ ଅଟେ । ଏନକାଉଣ୍ଟରକୁ ନେଇ ମଧ୍ୟ ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ର ରିଲିଜ୍ ହୋଇଛି । ଅଭାଟକ୍ ଚାପନ୍, ଖାକି, ଚୁଲବୁଲ୍ ପାଣ୍ଡେ , ସିଙ୍ଘହମ୍ ଭଳି ଅନେକ ଚଳଚ୍ଚିତ୍ର, ତାଲିକା ବିସ୍ତାର କରିବାର କୌଣସି ଅର୍ଥ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ଏନକାଉଣ୍ଟର ପରେ ଦର୍ଶକ ଆନନ୍ଦିତ ହୁଅନ୍ତି । ଏକ୍ସଏନ୍ (XN) କାଉଣ୍ଟର ବିଶେଷଜ୍ଞ ପୋଲିସ ସେଠାରେ ହିରୋ ଭାବରେ ଦର୍ଶାଯାଇଛି । ଏପରିକି 'ଏନକାଉଣ୍ଟର' ନାମକ ଏକ ଲୋକପ୍ରିୟ ହିନ୍ଦୀ ସିରିଏଲ ମଧ୍ୟ ସମାନ ଦୃଶ୍ୟ ସହିତ ଚାଲିଛି । ଏହିପରି ଏନକାଉଣ୍ଟର ପାଇଁ ଏକ ଜନସାଧାରଣ ସମର୍ଥନ ବ୍ୟାପକ ହେଲା ।

ଯେତେବେଳେ ଏନକାଉଣ୍ଟରରେ ଜଣେ ଭିଲେନ୍ ମରିଯାଏ ସାଧାରଣ ଲୋକ ଗୋଟିଏ ଦଳ ଖୁସି ହୁଅନ୍ତି । ଯେହେତୁ ଆଇନ୍ ଓ ନ୍ୟାୟପାଳିକା ଉପରେ କୌଣସି ବିଶ୍ୱାସ ନାହିଁ । ଗୋଟିଏ ଗୋଷ୍ଠୀ ଭାବନ୍ତି ଯେ ଏହା ଯଥେଷ୍ଟ । ତେଣୁ ସେମାନଙ୍କୁ ଏହିପରି ମରିବା ଆବଶ୍ୟକ । ବାସ୍ତବରେ ଦିନକୁ ଦିନ ସେମାନେ ପ୍ରତ୍ୟକ୍ଷ ଅଭିଜ୍ଞତାରେ ଦେଖିଛନ୍ତି । ବିଚାର ପ୍ରକ୍ରିୟା, ଆଇନ ପ୍ରହାର, ଅର୍ଥ ଶକ୍ତି, ରାଜନୈତିକ ସମ୍ପର୍କର ଶକ୍ତି ହେତୁ ଅପରାଧୀମାନେ ଦଣ୍ଡ ପାଇବେ ନାହିଁ । ଅସହାୟ ଲୋକଙ୍କୁ ନିର୍ଯାତନା ଦିଆଯିବା, ପ୍ରବଳ କ୍ରୋଧ ଅପରାଧୀଙ୍କ ବିନାଶକୁ ଘୃଣା କରେ । ଅତ୍ୟାଚାରୀ ଏହି ସୁଯୋଗର ସୁଯୋଗ ଯଦି ନିଏ । ଅତି ସହଜରେ ଆଇନର ଶାସନ ବିଲୋପ ହେବ ଓ ଦେଶ ବା ରାଜ୍ୟରେ ଆତଙ୍କବାଦର ରାଜତ୍ୱ ଘଟିବ ।

ଆମକୁ ମନେ ରଖିବାକୁ ହେବ ଯେ ଯଦି ଆମେ ପ୍ରକୃତରେ ଆଇନର ନିୟମ ପ୍ରତିଷ୍ଠା କରିବାକୁ, ନ୍ୟାୟ ପାଇବାକୁ, ଅପରାଧମୁକ୍ତ ସମାଜ ଗଠନ କରିବାକୁ ଚାହୁଁ, ତେବେ ଗଣତନ୍ତ୍ର ପ୍ରେମୀ ଜନସାଧାରଣ ତଥା ମାନବ ଅଧିକାର ଆନ୍ଦୋଳନର ମିଳିତ ଜନ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ହେବ । ଏହାବ୍ୟତୀତ ଆଉ ଅନ୍ୟ କୌଣସି ବିକଳ୍ପ ନାହିଁ...!!!

ତାରା ନିଳୟ, ପ୍ଲଟ ନଂ- ୮୫୪/ଏ
ଚାଚରା ଶବରସାହି, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା - ୫୫
ମୋ : ୯୦୪୦ ୧୫୧୪୭୫

ଖୋର୍ଦ୍ଧାରେ ପୂର୍ବ ଶତ୍ରୁତାରୁ ଗୁଳିମାଡ: ବ୍ରାଉନସୁଗାର ବ୍ୟବସାୟ ହେଲା କାଳ

ଖୋରଧା , ୮/୦୬ (ନି.ପ୍ର): ରାତ୍ର ୯ ଟା ସମୟ ପ୍ରାୟ ୫ ଜଣ ଯୁବକ ଏକ ପିକକ ଭାନରେ ଆସି ଜଣେ ଦୁର୍ଦ୍ଦାନ୍ତ ବ୍ରାଉନ ସୁଗାର୍ ଅପରାଧୀ କୁ ଗୁଳିମାଡ କରୁଥିଲା, ଖୋର୍ଦ୍ଦା ଆଦର୍ଶ ଥାନା ସାମନ୍ତରାୟ ପୁର ଛକରେ (ଠେଙ୍ଗାହାଟ ଛକରେ)। ଏହି ବ୍ରାଉନ ଶୁଗାର ମାଫିଆ ସୋମନାଥ ଭୁଜବଳ ଓରଫ ପାପୁ ଯୁବକ ନିକଟରେ ଜେଲ ମୁକୁଳି ଆସି ଥିଲା । ଶୁଣିବାକୁ ମିଳେ ତାଙ୍କ ଦଳ କିଛି ବ୍ରାଉନ ଶୁଗାର୍ ମାଫିଆ ଟଂକା ବାଣ୍ଟ ନେଇ ଆଗରୁ ବିବାଦ ଥିଲା । କାଲି ରାତିରେ ସେ ସାମନ୍ତରା ପୁର ଛଳରେ ଠିଆ ହୋଇ ଥିଲା ବେଳେ ଗୁଳି ମାଡରେ ଗୁରୁତର ଆହତ ହୋଇ, ଖୋର୍ଦ୍ଦା ମୁଖ୍ୟ ଚିକିତ୍ସାଳୟରେକୁ ନିଆ ଜାଇ ଥିଲା । ସେଠାରୁ ତାକୁ ରାଜଧାନୀ ଡାକ୍ତର ଖାନାକୁ ,ଉଚ୍ଚତର ଚିକିତ୍ସା ପାଇଁ ପଠା ଜାଇ ଅଛି ।ଖୋର୍ଦ୍ଧା ନିକଟ ୧୫ ଦୀନ ତଳେ ପାନବରଜ ଗାଆଁ ଛକରେ ଏହି ନିଶା ବେପାର ନେଇ ଗୁଳି କାଣ୍ଡ ରେ ଜଣେ ବ୍ରାଉନ ସୁଗାର ମାଫିଆ ଆହାତ ହୋଇ ଥିଲା । ଖୋରଧା ଆଦର୍ଶ ଥାନା ପୋଲିସ୍ ଓ ଖୋର୍ଦ୍ଧା ଏସ,ପି, ଶ୍ରୀଯୁକ୍ତ କାଟେଟରିଆ, ତାଙ୍କ୍ ଷ୍ଟାପ ଏହି ଗୁଳି କାଣ୍ଡ କିଏ କଣ କାହିଁକି କଲା ତଦନ୍ତ କରୁଛନ୍ତି । ଖୁବ୍ ଶିଘ୍ର ଖୋର୍ଦ୍ଧା ପୋଲିସ୍ ଏହି ଗୁଳି କାଣ୍ଡ ପରଦା ଫାସ ଖୋଲିବ । କାରଣ ଖୋର୍ଦ୍ଧା ପୋଲିସ୍ ଆରକ୍ଷୀ ଅଧିକାରୀ ନନ୍ ଓଡିଆ ଯୁବ, ଆଇ,ପି, ଏସ,,ଖୋର୍ଦ୍ଧା ଏସ,ଡି, ପି,ଓ , ଡାଇରେକ୍ଟ ଓ,ପି,ସ, ଯୁବକ ଓ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରି ବହୁ ଦକ୍ଷ,ସଜୋଟ ଥିବାରୁ ଖୋର୍ଦ୍ଧାରେ ଅପରାଧ ଓ ନିଶା କିଛି କମିଛି । ଏହି ଅଧିକାରୀଙ୍କ ଉପରେ ନେତା, କୁଜିନେତା, ଧନୀ, ମାନୀଙ୍କ ପ୍ରଭାବ ପଡୁ ନାହିଁ । ଏବେ ଖୋର୍ଦ୍ଧାସବୁ ଦଳର ନେତାଙ୍କ ପ୍ରଭାବ ଖୋର୍ଦ୍ଧା ଜିଲ୍ଲାପାଳ ଓ ଖୋର୍ଦ୍ଧା ଏସ, ପି, ନନ୍ ଓଡିଆ ହୋଇ ଥିବାରୁ କିଛି କାମ କରୁନାହିଁ ।ନାୟ ବେତୀତ ଅନ୍ୟାୟକୁ ପ୍ରସୟ ଦେଉନାହାନ୍ତି । ଖୋର୍ଦ୍ଧା ଜିଲ୍ଲା ଜନସାଧାରଣ ଏହି ଅଧିକାରୀ ଉପରେ ଖୁସୀ ପ୍ରକାଶ କରୁଛନ୍ତି । କାରଣ ନାୟ ପାଉଛନ୍ତି । ମାତ୍ର ବହୁ ବଡ ବଡ ନେତା ଙ୍କ ପ୍ରବାହ କର୍ଯ୍ୟ କାରୀ ହେଉନାହିଁ । ସେମାନେ ତାଙ୍କ ରହଣି ଚାହୁଁ ନାହାଁନ୍ତି ଲୋକେ ଆଲୋଚନା କରୁଛନ୍ତି । ସାମନ୍ତରା ପୁର , ଜବରଦସ୍ତ ପାଟଣା, ଗାନ୍ଧୀ ପଡ଼ିଆ, ଗୁରୁଜଙ୍ଗ, ପାନବରଜ ଆଦି ବହୁ ବ୍ରାଉନ ସୁଗାର୍ ଓ ନିଶା ବେପାରୀ ଲୁଚି, ତାଙ୍କ ସ୍ତ୍ରୀ ଓ ଛୋଟ୍ ପୀଲାଙ୍କ ଜରିଆରରେ ଘରୋଇ ବେବସାୟ ଚାଲିଛି ।ଲୋଜାଣିଲେ ମଧ୍ୟ ନୀରବ । କାରଣ ଏହି ଯୁବକ ଅପରାଧି ଶାସକ ଦଳ ନେତାଙ୍କ ଛତ୍ର ଛାୟ ତଳେ ଅଛନ୍ତି ଶୁଣିବାକୁ ମିଳେ । ଖୋର୍ଦ୍ଧା ବାସୀ ଚାହାନ୍ତି ଶାନ୍ତି, ସଂପର୍କ ମାତ୍ର ନିଶା ଓ ଅନାୟ ରାଜନୀତି ଖୋର୍ଦ୍ଧା କରୁଛି ଅଶାନ୍ତ । ଯେ ସତ କହିବ ଓ ଲେଖିବ ନେତା ଓ ନିଶା ବେପାରୀଙ୍କ ଆକ୍ରୋଶ ହୋଇଛନ୍ତି, ଆଉ ହେବାର ଅଛି ଶୁଣିବାକୁ ମିଳେ । ଲୋକେ ଜାଣିଲେ ମଧ୍ୟ ପୋଲିସ ଆଗରେ ଓ ଜିଲ୍ଲାପାଳ ଆଗରେ ସତ କହିବକୁ ଭୟ । କାହିଁକି କାଦୁଅକୁ ଜୀବେ କୋଡ଼ ଧୋଇବେ । ସାମନ୍ତରା ପୁର୍ , ବୁଢ଼ୀ ବଗିଚା, ନବୀନା ବାଗ ରେ ବହୁ ବୁଦ୍ଧି ଯିବି, ଅବସରପ୍ରାପ୍ତ ବରିଷ୍ଠନାଗରିକ ଓ ସାମ୍ବାଦିକ, ଆଇନ ଯିବି, ଥିଲେ ମନ୍ଦ୍ୟ ପାଟି ଖୋଲିବା କି, ଲେଖିବା କୋକୁଆ ଭୟ । ଆଶା ଦିନେ ଦିନେ ସତ ପଦାକୁ ଆସିବ ।

ଦକ୍ଷତା ପ୍ରଦର୍ଶନ ମେଳା ଅନୁଷ୍ଠିତ

ପୁରୀ, ୮/୦୬ (ନି.ପ୍ର): ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଏକ ଦକ୍ଷତା ପ୍ରଦର୍ଶନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦକ୍ଷତା ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି, ୩୦ ରୁ ଉର୍ଦ୍ଧ୍ୱ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ । ବିଭିନ୍ନ ଅଦରକାରୀ ପଦାର୍ଥକୁ ନେଇ ଏକ ବ୍ୟବହାର ଉପଯୋଗୀ ବସ୍ତୁ କରିବା ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଦେବା,ଏହି ମେଳାର ମୂଳମନ୍ତ୍ର ଥିଲା । ବର୍ତମାନର ସମାଜକୁ ଆଖିଆଗରେ ରଖି ଛାତ୍ରଛାତ୍ରୀ ମାନେ ବିଭିନ୍ନ ଦକ୍ଷତାକୁ ଆପଣେଇ ନେବା ଏବଂ ନିଜକୁ ସ୍ୱାବଲମ୍ବୀ କରି ଗଢିତୋଳିବା ପାଇଁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଅରବିନ୍ଦ ଘୋଷ ନିଜର ବହୁମୂଲ୍ୟ ବକ୍ତବ୍ୟରେ ଅନୁପ୍ରାଣିତ କରିଥିଲେ ।

କୁନିକୁନି ପିଲାଙ୍କ ସହ ଗଛ ଲଗାଇଲେ ସରୋଜିନୀ ହେମ୍ବ୍ରମ

ବାରିପଦା, ୮/୦୬ (ନି.ପ୍ର): ସ୍ଥାନୀୟ ୧୫ ନମ୍ବର ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ସଂଖ୍ୟାଲଘୁ ବିଭାଗର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ କୁନିକୁନି ପିଲା, ଅଭିଭାବକ ତଥା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଗହଣରେ ଗଛ ଲଗାଇବା ସହ ପିଲାମାନଙ୍କୁ ତାର ଉପକାରିତା ଏବଂ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମ ତ୍ରିରଙ୍ଗା କ୍ଲବ ଓ ନାରାୟଣ ସେବା ଟ୍ରଷ୍ଟର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା ଓ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ନାରାୟଣ ସେବା ଟ୍ରଷ୍ଟର ସଭାପତି ଡ଼ଃ ନିରୋଜ କୁମାର ପୋଥାଳ, ସଦସ୍ୟ ବସନ୍ତ କୁମାର ମହାପାତ୍ର, ରଣଜିତ ଦାସ, ଇନ୍ଦ୍ରଜିତ ମହାନ୍ତ, ରାକେଶ କୁମାର ଦ୍ୱିବେଦୀ, ମାନସ କୁମାର ବାଗ, ବିଜୟଲକ୍ଷ୍ମୀ ନାୟକ, ମାନୀ ଗିରି, ରାଜଲକ୍ଷ୍ମୀ ମିଶ୍ର ଓ ଭାସ୍ୱତୀ ପଣ୍ଡା ସମେତ ଶିକ୍ଷୟତ୍ରୀ ବନ୍ଦିତା ପାଲବାବୁ, ମିନର୍ଭା ଦାସ, କାନନବାଳା କର ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ ।

ମୋ ଘର ଯୋଜନା ସଫଳ ରୁପାୟନ ଉପରେ ବୈଠକ

ଜୟପୁର, ୮/୦୬ (ନି.ପ୍ର): ଓଡିଶା ସରକାରଙ୍କ ତରଫରୁ ଗ୍ରାମାଚଂଳରେ ଗୃହ ସହାୟତା ନିମନ୍ତେ ମୋ ଘର ଯୋଜନାର ସଫଳ ରୁପାୟନ ନିମନ୍ତେ ଏକ ବ୍ଲକ ସ୍ତରିୟ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ପରିସରରେ ଆୟୋଜିତ ଏହି ବୈଠକରେ ଉପ ଜିଲାପାଳ ବେଦବର ପ୍ରଧାନ, ବିଡିଓ ରାଜୀବ ଦାସ, ତହସିଲଦାର ସାଗରିକା ଷଡଙ୍ଗି, ଡିଏସଆର ନିଳାମ୍ବର ପୁଜାରୀ, ଜିପିଓ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକର ଗରିବ ଓ ନିମ୍ନ ମଧ୍ୟବିତ ପରିବାର ମୋ ଘର ଯୋଜନାରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୁଣ୍ଣିକରଣ ତଥା ଉନ୍ନତିକରଣ ନିମନ୍ତେ ଯେପରି ଅଧିକରୁ ଅଧିକ ଆବେଦନ କରି ଯୋଜନାର ଲାଭ ନେଇପାରିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରି ମାନଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ହିତାଧିକାରିଙ୍କୁ ଋଣ ଯୋଗାଇବା, ମାଗଣା ଜମି ବନ୍ଧକ ରଖିବା, ଇସି ମାଗଣା ଦେବା ଆଦି ଉପରେ ଆଲୋଚନା କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

+୨...

ସେହିପରି ଧନ୍ଦାମୂଳକ ଶିକ୍ଷାରେ ପାସହାର ୬୭.୪୮% ରହିଛି । ଧନ୍ଦାମୂଳକ ବିଷୟରେ ୫୦୮୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୩୮୬୦ ଜଣ ପାସ୍ କରିଛନ୍ତି । ଧନ୍ଦାମୂଳକ ଶିକ୍ଷାରେ କନ୍ଧମାଳରେ ସର୍ବାଧିକ ପାସ୍ ହାର୍ ୮୯.୪୩% ଏବଂ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ପାସ୍ ହାର୍ ୩୯.୪୭% ରହିଛି । ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଛି । ଝିଅଙ୍କ ପାସ୍ ହାର ୭୧.୧୦% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୬୪.୨୩% ରହିଛି ।

ଏମସ୍‌ରେ ....

୮୦ ଟିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଆଉ ୮୨ ଟିକୁ ସଂରକ୍ଷିତ କରି ରଖାଯାଇଛି । ୫୦ ଜଣ ଆବେଦନକାରୀଙ୍କ ଠାରୁ ଡିଏନଏ ସାମ୍ପଲ ସଂଗ୍ରହ କରାଯାଇଥିବା ବେଳେ ୨୯ଟି ସାମ୍ପଲ ଦିଲ୍ଲୀ ପଠାଯାଇଛି । ୭୦ଟି ମୃତଦେହକୁ ୪ ଟି କଂଟେନର ମଧ୍ୟରେ ରଖାଯାଇଥିବା ସୂଚନା ମିଳିଛି ।

କର୍ଣ୍ଣାଟକ ବିଧାନସଭା...

ଟେକ୍ନୋଲୋଜିର ଏକ କେନ୍ଦ୍ର ହୋଇଥିବାରୁ ଏଭଳି ପରିସ୍ଥିତିରେ ଏହା ଚିନ୍ତାର ବିଷୟ । ଅର୍ଗାନାଇଜରର ସମ୍ପାଦକ ପ୍ରଫୁଲ୍ଲ କେଟକର ମେ ୨୩ରେ ଏକ ସମ୍ପାଦକୀୟରେ ଲେଖିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ କ୍ଷମତାକୁ ଆସିବା ପରେ ଏହା ପ୍ରଥମ ଥର ଏମିତି ହୋଇଥିଲା ଯେ କର୍ଣ୍ଣାଟକ ନିର୍ବାଚନରେ ଦୁର୍ନୀତି ପ୍ରସଙ୍ଗରେ ବିଜେପି ନିଜକୁ ରକ୍ଷା କରିଥିଲା । ଉଲ୍ଲେଖ ଥାଉ କି କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ଏକ ବଡ଼ ବିଜୟ ହାସଲ କରିଥିଲା । କଂଗ୍ରେସ ୨୨୪ ରୁ ୧୩୫ଟି ଆସନ ପାଇଥିବାବେଳେ ବିଜେପି ୬୬ ଏବଂ ଜେଡିଏସ ୧୯ଟି ଆସନ ପାଇଥିଲେ ।

ରାଜଧାନୀରେ....

ଫଳରେ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ଅପରପକ୍ଷରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଅଜନ୍ତା ସର୍କସ୍ ର ଟେଂଟ ଉପୁଡି ପଡିଥିଲା । ତେବେ ପ୍ରବଳ ଖରାରେ ସିଝିଥିବା ରାଜଧାନୀବାସୀଙ୍କୁ ବର୍ଷା ପରେ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଗୁରୁବାର ଦିନ ସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ରାଜଧାନୀବାସୀ ସନ୍ତୁଳି ହୋଇଥିଲେ । କିନ୍ତୁ ଅପରାହ୍ନ ପ୍ରାୟ ସାଢେ ୪ ଟା ବେଳକୁ ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ମାଡି ଆସିଥିଲା । ଯିଏ ଯେଉଁଠି ଥିଲେ ଅଟକି ଯାଇଥିଲେ । କାରଣ, ବର୍ଷା-ପବନ ମାଡ଼ରେ ଗଛର ଡାଳ ଭାଙ୍ଗି ପଡୁଥିଲା । ବଡ଼ ବଡ଼ ଡାଳ ଭାଙ୍ଗିପଡ଼ିବାରୁ ରାସ୍ତାଘାଟରେ ଯାତାୟାତ ପ୍ରଭାବିତ ହୋଇଥିଲା ।

ମୃତ ଯାତ୍ରୀଙ୍କୁ ରୋଟାରୀ କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୮/୦୬ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ଥାନୀୟ ରୋଟାରୀ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ କ୍ୟାଣ୍ଡେଲ ଜାଳି ତଥା ନିରବ ପ୍ରାର୍ଥନା ପୂର୍ବକ ଦିବଂଗତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜଣାଇଥିଲେ । ଏଥି ସହିତ ଚିକିତ୍ସିତ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା ସହ ସମସ୍ତେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ରୋଟାରୀ କ୍ଲବ ସଭାପତି ଇଂ. ସୌରଭ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟମାନେ ଏହି ଶ୍ରଦ୍ଧାଞ୍ଜଳି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଯୁକ୍ତଦୁଇ କଳାରେ ବାଲେଶ୍ୱର ଜିଲ୍ଲା ଆଗୁଆ: ୮୪.୯୭ ପ୍ରତିଶତ ଛୁଇଁ ରାଜ୍ୟରେ ପ୍ରଥମ

ବାଲେଶ୍ୱର, ୮/୦୬ (ନି.ପ୍ର): ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ପ୍ରକାଶ ପାଇଛି ଯୁକ୍ତଦୁଇ କଳା ଓ ଧନ୍ଦାମୂଳକ ଶିକ୍ଷା (ଭୋକେସନାଲ) ଫଳ । ଚଳିତବର୍ଷ କଳାରେ ରାଜ୍ୟର ପାସହାର ୭୮.୮୮ ପ୍ରତିଶତ ହୋଇଥିବା ବେଳେ ବାଲେଶ୍ୱର ଜିଲା ୮୪.୯୭ ପ୍ରତିଶତ ଛୁଇଁବା ସହିତ ଓଡ଼ିଶାରେ ୧ନଂ ସ୍ଥାନ ଅଧିକାର କରିଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତ୍ତର ଓଡ଼ିଶା ଶାଖା ବୋଲି ଉପ-ସଚିବ ଜୟଦେବ ପରମାଣିକଙ୍କ ସୂଚନା ଅନୁସାରେ ବାଲେଶ୍ୱର ଜିଲାରେ କଳା ପରୀକ୍ଷା ପାଇଁ ୧୩ ହଜାର ୮୨ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ବେଳେ ସେଥି ମଧ୍ୟରୁ ୧୨ହଜାର ୯୩୬ଜଣ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୧୦ହଜାର ୯୯୩ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ୯ ହଜାର ୯୪୬ ଜଣ ପ୍ରଥମ ଶ୍ରେଣୀରେ, ୨ ହଜାର୧୬୧ ଦ୍ୱିତୀୟ ଶ୍ରେଣୀରେ ଏବଂ ୫ ହଜାର ୮୭୨ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିରେ ୧୪ଜଣ କମ୍ପାଡମେଣ୍ଟାଲରେ ପାସ କରିଥିବା ବେଳେ ୪ଜଣ ଏମପିରେ ବୁକ ହୋଇଛନ୍ତି । ସେହିପରି ଜିଲାରେ ଧନ୍ଦାମୂଳକ ପରୀକ୍ଷାରେ ୨୦୭ଜଣ ପଞ୍ଜୀକରଣ କରି ୨୦୬ଜଣ ପରୀକ୍ଷା ଦେଇଥିଲେ । ସେଥିରୁ ପ୍ରଥମ ୬୦ଜଣ ପ୍ରଥମ ଶ୍ରେଣୀରେ, ୭୫ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୧୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ୩ ଜଣ କମ୍ପାଡମେଣ୍ଟାଲରେ ପାସ କରିଛନ୍ତି । ୧୫୧ଜଣ ପାସ କରିଥିବା ବେଳେ ଜିଲାର ପାସହାର ୭୮.୩୦ ପ୍ରତିଶତ ହୋଇଛି ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

ଖପ୍ରାଖୋଲରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ବଲାଙ୍ଗିର , ୮/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାଫେ ପ୍ରତିଷ୍ଠା କରାଯାଇଛି । ଆଜି ପାଟଣାଗଡ଼ ବିଧାୟକ ତଥା ସରକାରଙ୍କ ଉପମୁଖ୍ୟ ସଚେତକ ସରୋଜ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେଫେକୁ ଉଦ୍ ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲାପାଳ ଚଂଚଳ ରାଣା, ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ ତଥା ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ଉପସ୍ଥିତ ଥିଲେ ।

ମା' ଭଗବତୀଙ୍କ ନୂତନ ପାର୍ଶ୍ୱ ବିଗ୍ରହ ଓ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଜୟପୁର, ୮/୦୬ (ନି.ପ୍ର): ଜୟପୁରର ନାରାୟଣ ମନ୍ଦିର ସାହି ସ୍ଥିତ ଶ୍ରୀ ସଙ୍କଟ ମୋଚନୀ ମହାମାୟୀ ଭଗବତୀଙ୍କ ନୂତନ ପ

ଶୁକ୍ରବାର, ଜୁନ୍ ୦୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଟ୍ରେନ ଦୁର୍ଘଟଣାରେ ନିଜକୁ ସାମିଲକରି ମାନବିକତାର ପରିଚୟ ଦେଲେ ଆଦିବାସୀ ନାରୀନେତ୍ରୀ ସୁନୀତି ସିଂ

ନୀଳଗିରି : ଏକବିଂଶ ଶତାବ୍ଦୀର ଭାରତର ସବୁଠୁ ବଡ ରେଳ ଦୁର୍ଘଟଣା ଓଡିଶାର ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ଗତ ଶୁକ୍ରବାର ସନ୍ଧ୍ୟାରେ ଘଟିଯାଇଛି । ଯେଉଁଥିରେ ଶହଶହ ଲୋକ ମୃତ୍ୟୁବରଣ କରିଥିବା ବେଳେ ହଜାରେରୁ ଅଧିକ ଲୋକ ଆହତ ହୋଇଥିଲେ । ଏପରି ବିପର୍ଯ୍ୟୟ ସମୟରେ ସ୍ୱତଃସ୍ଫୂତ ଭାବେ ସ୍ଥାନୀୟ ଲୋକ ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମୃତାହତ ଲୋକଙ୍କୁ ସେବା ଯୋଗାଇଦେବାକୁ ଆଗେଇ ଆସିଥିଲେ । ରାଜ୍ୟସରକାରଙ୍କ ବରିଷ୍ଠ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ତୁରନ୍ତ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ମେଡିକାଲ କୁ ପହଞ୍ଚାଇବା ସହ ମୃତକଙ୍କୁ ଉଦ୍ଧାର କରିବାର ସମସ୍ତ ବ୍ୟବସ୍ଥା ବିଭାଗୀୟ ଅଧିକାରୀଙ୍କ ସମନ୍ୱୟରେ କରିଥିଲେ । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ରାଜ୍ୟ ବିଜେଡି ର ମହିଳା ଉପସଭାପତି ସୁନୀତି ସିଂ ପରିଣତ ବୟସରେ ମଧ୍ୟ ସାରା ରାତି ଅଖିଆ ଅପିଆ ରାତି ଅନିଦ୍ରା ରହି ରାଜସ୍ୱମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ପାଖେପାଖେ ରହି ବିପନ୍ନଙ୍କୁ ସହଯୋଗର ହାତ ବଢ଼ାଇଥିଲେ । ନିଷ୍ଠାପର, ନିଃସ୍ୱାମନା ଭାବ ରଖି ମାନବ ସେବାକୁ ମାଧବ ସେବାରେ ନିୟୋଜିତ କରି ଶ୍ରୀମତୀ ସୁନୀତି ସିଂ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି ।

ଜିଲ୍ଲାସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତା ଉପରେ ଜନଭାଗୀଦାରୀ କାର୍ଯ୍ୟକ୍ରମ

ବାରିପଦା, ୮/୦୬ (ନି.ପ୍ର): ସମଗ୍ର ଶିକ୍ଷା, ମୟୂରଭଞ୍ଜ ତରଫରୁ ବାରିପଦା ଷ୍ଟାଡିୟମ ସଭା ଗୃହରେ ଏ–୨୦ ଉପଲକ୍ଷେ ଏକ ଜିଲ୍ଲା ସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତା ଉପରେ ଜନଭାଗୀଦାରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜର ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦାଃ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟ ଲକ୍ଷ୍ମୀପୋଷିର ଅଧକ୍ଷ ଶ୍ରୀଯୁକ୍ତ ଏଲ ? ଡି ? ଏସ ଯାଦବ, ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ଅନାଦି ଚରଣ ବିନ୍ଧାଣି, ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ଦୀପ୍ତି ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଶାନ୍ତ ମହାନ୍ତି ଓ ଶ୍ରୀଯୁକ୍ତ ନିତ୍ୟାନନ୍ଦ ବାରିକ ମହୋଦୟ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ଜଳନ କରି ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ତଥା ଅନ୍ୟ ସମସ୍ତ ଅତିଥି ବୃନ୍ଦ ଏ–୨୦ ଉପଲକ୍ଷେ ଆୟୋଜନ କରାଯାଇଥିବା ଜନଭାଗୀଦାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଜନଭାଗୀଦାରୀ କାର୍ଯ୍ୟକ୍ରମରେ ପ୍ରଥମରୁ ତୃତୀୟ ଶ୍ରେଣୀ ସମସ୍ତ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଶ୍ରୀମତୀ ଦୀପ୍ତି ନାୟକ ଆଲୋକପାତ କରିଥିଲେ । ଉପସ୍ଥିତ ଥିବା ସମସ୍ତ ସଦସ୍ୟମାନଙ୍କୁ ସାଧନ କର୍ମୀ ଶ୍ରୀଯୁକ୍ତ ହରେନ୍ଦ୍ର ମହାନ୍ତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ'ଣ ଓ କାହିଁକି ଏହା ଆବଶ୍ୟକ ତାହା ବୁଝାଇଥିଲେ । ସାଧନ କର୍ମୀ ଶ୍ରୀମତୀ ମିନର୍ଭା ଦାସ ମୌଳିକ ସାକ୍ଷରତାରେ ଭାଷାର ଦକ୍ଷତା ହାସଲର କୌଶଳ, ଭାଷା ଶିଖିବାର ବିଭିନ୍ନ ଉପାୟ ବିଷୟରେ ଆଲୋଚନା କରିବା ସହିତ ଏଥିରେ ଶିକ୍ଷକ ଓ ଗୋଷ୍ଠୀର ଭୂମିକା ବିଷୟରେ ଆଲୋଚନା କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାଙ୍କ ନିମନ୍ତେ ଉଦିଷ୍ଟ ଭାଷାର ଲକ୍ଷ୍ୟ ଗୁଡିକ ବିଷୟରେ ମଧ୍ୟ ସାଧନ କର୍ମୀ ଶ୍ରୀମତୀ ମିନର୍ଭା ଦାସ ଆଲୋଚନା କରିଥିଲେ। ସାଧନ କର୍ମୀ ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁ ମୌଳିକ ସଂଖ୍ୟାଜ୍ଞାନ ହାସଲର କୌଶଳ, ଉଜଇ ପଦ୍ଧତି ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ବାରିପଦା, କୁଳିଅଣା ଓ ଶୂଳିଆପଦା ୩ଟି ବ୍ଲକ ତରଫରୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷକ ଶ୍ରୀଯୁକ୍ତ ଧାନ ସେଠି, ସତ୍ୟାନନ୍ଦ ଗିରି, ଶିକ୍ଷୟତ୍ରୀ ଶ୍ରୀମତୀ ଦେବସ୍ମିତା ପୋଥାଳ, ବବିତା ସା ଆଦି ସମସ୍ତ ଅତିଥି ବୃନ୍ଦ ମାନଙ୍କୁ ଉକ୍ତ ଶିକ୍ଷଣ ସାମଗ୍ରୀ ଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୋମନାଥ ସିଂ ଓ ଶିକ୍ଷୟତ୍ରୀ କାନନବାଳା କରଙ୍କ ସହଯୋଗରେ କୁନି କୁନି ପିଲାମାନଙ୍କ ଦ୍ୱାରା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଏକ କାର୍ଯ୍ୟକଳାପ ଆୟୋଜନ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟ ମାନଙ୍କ ଦ୍ୱାରା ବିଦ୍ୟାଳୟ ସ୍ତରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ସଠିକ ରୂପାୟନ ପାଇଁ ଏକ ଶପଥ ପାଠ କରାଯାଇଥିଲା । ସାଧନ କର୍ମୀ ଶ୍ରୀଯୁକ୍ତ ହରେନ୍ଦ୍ର ମହାନ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଜିଲ୍ଲା ଶିକ୍ଷାଦାନ ସଞ୍ଜୋଜିକା ଶ୍ରୀମତୀ ଶୈଳବାଳା ବେହେରା ଏହି କାର୍ଯ୍ୟଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ସିଂ, ପୁଲକ ମହାନ୍ତ ଓ ଦିଲ୍ଲୀପ କୁମାର ଘୋଷ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଜ୍ଞାନଯଜ୍ଞ

ରୂପସା , ୮/୦୬ (ନି.ପ୍ର): ଆଶ୍ରମର ସାପ୍ତାହିକ ସତ୍ସଙ୍ଗ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ସର୍ବ ପ୍ରଥମେ ଗତ ତା୨-୦୬-୨୦୨୩ ରିଖ ଶୁକ୍ରବାର ବାହାନଗା ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତି ମାନଙ୍କ ଉଦ୍ଦେଶ୍ୟ ରେ ଗଭୀର ଶୋକ ବ୍ୟକ୍ତ କରି,ଅମର ଆତ୍ମାର ପୂର୍ଣ୍ଣ ବିଶ୍ରାନ୍ତି କାମନା କରିବା ସହିତ,ଆହତ ବ୍ୟକ୍ତି ମାନଙ୍କର ଆଶୁ ଆରୋଗ୍ୟ କାମନା କରି,ସମୂହ ପ୍ରଣବ,ଶୁଭ ଭାବନା ପରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ନୂତନ ସଦସ୍ୟତା ଗ୍ରହଣ ସହିତ, ଯୋଗର ଚକ୍ରଭେଦନ କ୍ରିୟା ପ୍ରାକ୍ ଟିକେଲି ପ୍ରଦର୍ଶନ କରାଯାଇଥିଲା । ଆଶ୍ରମର ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଏବଂ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଙ୍କ ସହିତ ଆଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ କନକଲତା ମହାପାତ୍ର ଉପସ୍ଥିତ ଥିଲେ । ଆଗରଗୋହିରା, ଆଗମ୍ଉଦା, କାଦମ ଉଦା, ହାତିଆଡିହା, ତାହାର ପୁର, ମିରିଗ ମୁଣ୍ଡି, ପୋଡାଡିହା, ରୂପସା, ଆଙ୍କ, ଆଗ୍ରିଆ, କସିପଦା ଦୂରରୁ ହାତିଗଡ ଇତ୍ୟାଦି ଗ୍ରାମ ମାନଙ୍କରୁ ବହୁ ସଂଖ୍ୟା ରେ ଶିବମୁନିଜୀଙ୍କ ପରିବାରର ସଦସ୍ୟ ସଦସ୍ୟା ମାନେ ଯୋଗ ଦାନ କରିଥିଲେ । ମୁନି ସମାଜର ଯମ ନିୟମ ପାଳନ କରି ପ୍ରତିଦିନ ଚକ୍ରଭେଦନ କ୍ରିୟା କରି ଚାଲିଲେ, ଜଣେ ନିଶ୍ଚୟ ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରିବା ସହିତ, ନୀରୋଗ ନିରାମୟ ରହି ଆତ୍ମଦର୍ଶନ କରି ପାରିବ ଏହା ବକ୍ତାମାନେ ପ୍ରକାଶ କରିଥିଲେ । ଶେଷରେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ପରେ ସତ୍ସଙ୍ଗ ସାଙ୍ଗ କରାଯାଇଥିଲା ।

ଜେଜେମା, ନାତି ଓ ନାତୁଣୀବୋହୂ ଶେଷରେ ଏକତ୍ରିତ ହେଲେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ

ଭଦ୍ରକ , ୮/୦୬ (ନି.ପ୍ର): ପାରିବାରିକ କନ୍ଦଳର ଏକ ସଫଳ ଏବଂ ସ୍ଥାୟୀ ସମାଧାନ ସମ୍ଭବ ହୋଇପାରିଛି। ଅଭିଯୋଗ କାରିଣୀ ଜମ୍ବୁ ବେହେରା ବୟସ ୮୦ ବର୍ଷ, ସ୍ୱାମୀ ସ୍ୱର୍ଗତ ଭୀମସେନ ବେହେରା, ସା/ପୋ- ବରାଳପୋଖରୀ, ଥାନା-ଭଦ୍ରକ (ସଦର), ଜିଲ୍ଲା-ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର ସମ୍ମୁଖ କାର୍ଯ୍ୟାଳୟରେ ଦରଖାସ୍ତ ଦେଲାପରେ ତାଙ୍କ ନାତି ଏବଂ ନାତୁଣୀ ବୋହୁଙ୍କୁ ନୋଟିସ୍ ମାଧ୍ୟମରେ ଡକାଯାଇ ଆପୋଷ ବୁଝାମଣା କରାଯାଇଥିଲା। ନାତି ଶ୍ରୀ ଲକ୍ଷ୍ମଣ ବେହେରା ଏବଂ ନାତୁଣୀ ବୋହୂ ଶ୍ରୀମତି ସଂଗୀତା ବେହେରା ଉଭୟ ବରାଳପୋଖରୀ, ଚରମ୍ପା, ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟରେ ଉପସ୍ଥିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସଚିବ ଶ୍ରୀମତୀ ନେହା ଅଗ୍ରୱାଲଙ୍କ ଉପସ୍ଥିତି ଏବଂ କାର୍ଯ୍ୟରତ ରିଟେନର ଶ୍ରୀ କାହ୍ନୁ ଚରଣ ବାରିକ୍‌ଙ୍କ ପ୍ରୟାସ କ୍ରମେ ଜେଜେମା, ନାତି ଓ ନାତୁଣୀ ବୋହୁ ପରିଶେଷରେ ଏକତ୍ରିତ ହୋଇଥିଲେ ଏବଂ ଆଗକୁ ଖୁସିରେ ଏକାଠି ରହିବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

କାଳବୈଶାଖୀ ପ୍ରଭାବରେ ୧୯ନମ୍ବର ରାଜ୍ୟ ରାଜପଥରେ ବହୁ ଗଛ ଧରାଶାୟୀ : ଯାତାୟତ ଠପ୍

ନୀଳଗିରି , ୮/୦୬ (ନି.ପ୍ର): ଗୁରୁବାର ଅପରାହ୍ନ ପ୍ରାୟ ୨ଘଟିକା ସମୟରେ କାଳବୈଶାଖୀ ପ୍ରଭାବରେ ନୀଳଗିରି ବ୍ଲକ ୧୯ନଂ ରାଜ୍ୟ ରାଜପଥ ଭାଲୁକାଶୁଣି ରୁ ଗୋହିରା ମଧ୍ୟରେ ବହୁ ବଡବଡ଼ ଗଛ ଉପୁଡି ପଡିବା ସହିତ ବହୁ ଡାଳ ଭାଙ୍ଗିଯାଇଥିବା ଦେଖାଯାଇଛି । କିଛିସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା । ରାସ୍ତାରେ ବହୁ ତେନ୍ତୁଳିଗଛ ସମେତ ଅନ୍ୟାନ୍ୟ ବହୁ ଜାତିର ଗଛ ରାସ୍ତାରେ ପଡି ରହିଥିଲା । ପରେ ନୀଳଗିରି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ ଓ ଡାଳକୁ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

ଶିଶୁ ଶ୍ରମମୁକ୍ତ ସଚେତନତା ରଥ

ଝାରସୁଗୁଡା, ୮/୦୬ (ନି.ପ୍ର): ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କାମରେ ନିୟୋଜନ କରିବା ଦଣ୍ଡନୀୟ ଅପରାଧ। ୧୫ରୁ ୧୮ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ଶଙ୍କୁଳ କାମ(ବୃତି ଓ ପ୍ରକ୍ରିୟା)ରେ ନିୟୋଜନକୁ ବାରଣ। ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ଯାଏଁ ଜୋରିମାନା ଦେବାକୁ ପଡ଼ିବ। କେବଳ ଜୋରିମାନା ନୁହେଁ, ବରଂ ଶିଶୁଙ୍କୁ କୌଣସି କାର୍ଯ୍ୟରେ ଓ କିଶୋରଙ୍କୁ ବୃତି ବା ପ୍ରକ୍ରିୟାରେ ନିୟୋଜିତ କରିଥିଲେ ପ୍ରଥମ ଥର ପାଇଁ ଦୁଇ ବର୍ଷ ଯାଏ ଓ ଦ୍ୱିତୀୟ ଥର ଭୂଲ ସକାଶେ ତିନି ବର୍ଷ ଯାଏଁ କାରାଦଣ୍ଡ ହୋଇପାରିବ ।

ନୂଆସାହି ମହାବିଦ୍ୟାଳୟରେ ସଚେତନତା ଅଭିଯାନ ଉଦ୍‌ଯାପିତ

ଉଦଳା, ୮/୦୬ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟର ଆଇ.କ୍ୟୁ.ଏ.ସି. ବିଭାଗ ତରଫରୁ ସପ୍ତାହ ବ୍ୟାପି ସଚେତନତା ଅଭିଯାନ କାର୍ଯ୍ୟକ୍ରମ ବିଭିନ୍ନ ଗ୍ରାମରେ ଆୟୋଜିତ କରାଯାଇଥିଲା । ଏହି ଅଭିଯାନ ତା.୦୨.୦୬.୨୦୨୩ରିଖ ଆମ୍ବପିଛୁଳା ଗ୍ରାମରୁ ଆରମ୍ଭ ହୋଇ କୁସୁନପୁର, ସୁଡୁସୁଡ଼ିଆ, ଦୁଣ୍ଡରିଆ ଏବଂ ବଡ଼ଖଲାଡ଼ି ରେ ୦୭.୦୬.୨୦୨୩ରେ ସମାପ୍ତ ହୋଇଥିଲା । ଏଥିସହିତ ଏହି ଅଭିଯାନର ଚତୁର୍ଥ ଦିବସରେ ବିଶ୍ୱ ପରିବେଶ ଦିବସ (୦୫.୦୬.୨୦୨୩) ଉପଲକ୍ଷେ ଏକ ଜାତୀୟ ଆଭାସୀ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ମୁଖ୍ୟ ଉଦେଶ୍ୟ ଥିଲା ନାରୀ ସଶକ୍ତିକରଣ, ଶିଶୁ ଶିକ୍ଷା, ଗ୍ରାମଚଂଳରେ ବୃକ୍ଷରୋପଣର ଗୁରୁତ୍ୱ ଏବଂ ଡ଼ିଜିଟାଲ ବ୍ୟାକିଂସେବା ବିଷୟବସ୍ତୁ ଉପରେ ଲୋକମାନଙ୍କୁ ସଚେତନ କରାଇବା । ପ୍ରତ୍ୟେକ ଗ୍ରାମର ଗ୍ରାମବାସୀ ମାନେ ମହାବିଦ୍ୟାଳୟ ତରଫରୁ ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ନିଜର ଗ୍ରାମକୁ ଆଦର୍ଶ ଗ୍ରାମ ଭାବରେ ପରିଣତ କରାଇବାରେ ଉଦ୍ୟମ ଜାରୀ ରଖିବେ ବୋଲି ମତ ଉପସ୍ଥାପନ କରିଥିଲେ । ଏହିକାର୍ଯ୍ୟକ୍ରମରେ ପ୍ରତ୍ୟେକ ଗ୍ରାମର ଗ୍ରାମବାସୀଙ୍କ ସହିତ ୱାର୍ଡ଼ ମେମ୍ବର, ସମିତିସଭ୍ୟ, ନାଏବ ସରପଂଚ, ଶିଶୁ, ମହିଳା ଉପସ୍ଥିତ ରହିଥିଲେ। ଏହି ଅଭିଯାନକୁ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ସଭାପତିତ୍ୱରେ ଆଇ.କ୍ୟୁ.ଏସି.ର ସଂଯୋଜକ ଡ଼କ୍ଟର ନିବାରଣ ଶତପଥୀଙ୍କ ସଂଯୋଜନାରେ କାର୍ଯ୍ୟକାରୀ କରାଯାଇଥିଲା । ୭ ଦିନ ଧରି ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ସଚେତନତାର ବାର୍ତା ଗ୍ରାମବାସୀ ମାନଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତି ବିଶେଷ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କପ୍ତିପଦା ଷ୍ଟେଟବ୍ୟାଙ୍କର ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବଡ଼ଖଲାଡ଼ିର ଅଧିକାରୀ, ଯାମବଣୀ ପଂଚାୟତର ନାଏବ ସରପଂଚ, ସାମାଜିକ କର୍ମୀ ଆଶିଷ କୁମାର ମଲିକ , ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ବରିଷ୍ଠ ଅଧ୍ୟାପକ ସର୍ବେଶ୍ୱର ବିଶ୍ୱାଳଙ୍କ ସହିତ ବିଭିନ୍ନ ଗ୍ରାମର ୱାର୍ଡ଼ ମେମ୍ବର ଏବଂ ବରିଷ୍ଠ ବ୍ୟକ୍ତି ବିଶେଷ ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ନିଜ ନିଜର ସଚେତନତାର ବାର୍ତା ଗ୍ରାମବାସୀ ମାନଙ୍କୁ ପ୍ରଦାନ କରିଥିବାରୁ ମହାବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଛାତ୍ର ଛାତ୍ରୀଙ୍କ ସହିତ ପୁରାତନ ଛାତ୍ର ଛାତ୍ରୀ ସ୍ୱେଚ୍ଛାକୃତ ଭାବରେ ଏହି ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ତାଙ୍କୁ ମଧ୍ୟ ମହାବିଦ୍ୟାଳୟ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଛି ।

ବିଷାକ୍ତ ସାପ କାମୁଡ଼ାରେ ୪ବର୍ଷର ଶିଶୁପୁତ୍ର ମୃତ୍ୟୁ: ଶବ ବ୍ୟବଚ୍ଛେଦକୁ ନେଇ ହସ୍ପିଟାଲରେ ଉତ୍ତେଜନା

ନୀଳଗିରି , ୮/୦୬ (ନି.ପ୍ର): ନୀଳଗିରି ବ୍ଲକ ବେଗୁନିଆ ପଂଚାୟତ ବେଗୁନିଆ ଗ୍ରାମର ଟୁନା ସିଂଙ୍କ ୪ବର୍ଷର ପୁଅ ଗୌରାଙ୍ଗ ଗୁରୁବାର ଘର ନିକଟରେ ଖେଳୁଥିବାବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ସଂଗେ ସଙ୍ଗେ ପରିବାର ଲୋକ ନୀଳଗିରି ଡାକ୍ତରଖାନା ଆଣି ଚିକିତ୍ସା କରିଥିଲେ । ମାତ୍ର ଚିକିତ୍ସା ଚାଲିଥିବା ବେଳେ ଶିଶୁଟିର ମୃତ୍ୟୁ ହୋଇଥିଲା । ତୁରନ୍ତ ପୋଲିସ ରିପୋର୍ଟ କରାଯାଇ ଶବ ବ୍ୟବଚ୍ଛେଦ କରିବା ପାଇଁ ଡାକ୍ତର ଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଥିଲା । ମାତ୍ର ଡ୍ୟୁଟିରେ ଥିବା ଡାକ୍ତର ତ୍ରିନାଥ ପାଲ ପୋଷ୍ଟମଟମ କରିବାକୁ ମନାକରିଦେଇଥିଲେ । ଯେତେବେଳେକି ସମୟ ୪.୩୦ ମିନିଟ ହୋଇଥିଲେ ହେଁ ବ୍ୟବଚ୍ଛେଦ ସୁରୁଖୁରୁରେ ହୋଇପାରିଥାନ୍ତା । କିନ୍ତୁ ପରିତାପର ବିଷୟ ଡାକ୍ତରଙ୍କ ମନମାନି ଯୋଗୁଁ ଗୋଟିଏ ନିଷ୍ପାପ ଶିଶୁର ମୃତ୍ୟୁରେ ବାପା ମା କେତେଯେ ଦୁଃଖ ଓ ମାନସ୍ତାପରେ ନଥିବେ ତାହା ନଦେଖିଲେ ଜାଣିହେବନି । ଏନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିବା ବେଳେ ଡାକ୍ତର ଙ୍କ ଏଭଳି କାର୍ଯ୍ୟକୁ ସର୍ବସାଧାରଣରେ ନିନ୍ଦା କରାଯାଇଛି।

‘ମୁ ତୁମର ସାଥୀ’ପକ୍ଷରୁ ସିନେ ଅଭିନେତା ସୋନୁ ସୁଧଙ୍କୁ କୃତଜ୍ଞତା

ବାଲେଶ୍ୱର, ୮/୦୬ (ନି.ପ୍ର): ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ ‘ମୁ ତୁମର ସାଥୀ’ ପକ୍ଷରୁ ବିଶିଷ୍ଟ ହିନ୍ଦୀ ସିନେ ଅଭିନେତା ତଥା ସାମାଜିକ କର୍ମୀ ସୋନୁ ସୁଧଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରାଯାଇଛି। କୋଭିଡ କାଳରେ ଜନ ସାଧାରଣଙ୍କୁ ସୋନୁ ସୋଧଙ୍କ ମାନବିକତାପୂର୍ଣ୍ଣ ସହଯୋଗ ଦେଖି ତାଙ୍କର ଆଦର୍ଶକୁ ଗ୍ରହଣ ପୂର୍ବକ ଏହି ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ଯେ କୌଣସି ସମସ୍ୟା ବେଳେ ‘ମୁଁ ତୁମର ସାଥୀ’ ଲୋକଙ୍କୁ ସାଧ୍ୟମତେ ସହାୟତା କରିଆସୁଥିଲା ବୋଲି ସଂଗଠନର ସଭାପତି ରାଜେନ୍ଦ୍ର କୁମାର ଦାସ କହିଛନ୍ତି। ତେବେ ଗତ ବାହାନଗା ରେଳ ଦୁର୍ଘଟଣାରେ ମୃତ ଆହତଙ